## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସମ୍ବଲପୁର ନାଗରିକ କଲ୍ୟାଣ ସମିତି ବୈଠକ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ପୂର୍ବାହ୍ନ ୧୧ଟା।
- ଉତ୍ସର୍ଗ ଆୟୋଜିତ ଆମ୍ବୁଲାନ୍ସ ଲୋକାର୍ପଣ ସମାରୋହ, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ସାଢ଼େ ୬ଟା।

## ସଂକ୍ଷେପରେ

### ୨ ଲୁଟେରା ଗିରଫ, ଲୁଟ୍ ସାମଗ୍ରୀ ଜବତ



ଗିରଫ ୨ ଲୁଟେରା।

**ଝାରସୁଗୁଡ଼ା ଅଫିସ,୬।୫:** ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ୍ ୱେର ଖେରୁଆଲ ବ୍ରିଜ୍ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଅଟକାଇ ୨ଜଣ ଲୁଟେରା ଚାଳକଙ୍କ ନିକଟରୁ ମୋବାଇଲ ଓ ୫ହଜାର ଟଙ୍କା ଲୁଟ୍‌କରି ଫେରାର ହୋଇଯାଇଥିଲେ। ଏ ନେଇ ଟ୍ରକ୍ ମାଲିକ ସରବଜିତ୍ ସିଂହ ବଡମାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ୯୫/୨୨) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ପୋଲିସ୍ ସମ୍ପୃକ୍ତ ୨ ଲୁଟେରାଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅଞ୍ଚଳର ଆଲୋକ ନାୟକ ଓ ଭଗବାନ ମୁଣ୍ଡା। ଏମାନଙ୍କ ନିକଟରୁ ପୋଲିସ୍ ଲୁଟ୍ ଟଙ୍କା ଓ ମୋବାଇଲ୍ ଜବତ କରିବା ସହ ଲୁଟ୍‌ରେ ବ୍ୟବହୃତ ଓଆର୍୧୯ଜି-୦୧୫୬୭ନଂ ବାଇକ୍‌କୁ ଜବତ କରିଛି।

### ଯୁଗଳ ବୋରା ଏମ୍‌ସିଏଲ୍‌ର ନୂତନ ବୈଷୟିକ ନିର୍ଦ୍ଦେଶକ

**ସମ୍ବଲପୁର,୬।୫(ବ୍ୟୁରୋ):** ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍)ର ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ଭାବେ ଯୁଗଳ କୁମାର ବୋରା ଯୋଗଦେଇଛନ୍ତି। ଏମ୍‌ସିଏଲ୍ ମୁଖ୍ୟାଳୟଠାରେ ତାଙ୍କୁ ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ସେ ଏମ୍‌ସିଏଲ୍ ଅଧୀନ ବିଭିନ୍ନ କୋଇଲା ଖଣି ପରିଦର୍ଶନ କରି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପୂର୍ବରୁ ସେ କୋଲକାତାସ୍ଥିତ କୋଲଇଣ୍ଡିଆ ମୁଖ୍ୟାଳୟଠାରେ ଉତ୍ପାଦନ ବିଭାଗ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ଅଣ୍ଡରଗ୍ରାଉଣ୍ଡ ଓ ଓପନକାଷ୍ଟ ମାଇନ୍ସରେ ତାଙ୍କର ୩୫ ବର୍ଷର ଅଭିଜ୍ଞତା ରହିଛି।



ଯୁଗଳ କୁମାର ବୋରା

# ପାଇପ୍ ଫ୍ୟାକ୍ଟ୍ରି ନାମରେ ଜମି ଜବରଦଖଲ

**ସମ୍ବଲପୁର,୬।୫(ବ୍ୟୁରୋ)**

ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ସୁବର୍ଣ୍ଣପୁର ମୌଜାରେ ଥିବା ସରକାର ଜମିକୁ ଏକ ହ୍ୟୁମ୍ ପାଇପ କମ୍ପାନୀ ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

ଅଭିଯୋଗକ୍ରମେ ସୁବର୍ଣ୍ଣପୁର ଗ୍ରାମ ନିକଟ ଏକ ରୟତି ଜମିରେ କମ୍ପାନୀ ପାଇପ୍ ଫ୍ୟାକ୍ଟ୍ରି ଖୋଲିଥିଲା। ନିକଟରେ ଏକ ଖେଳପଡିଆ ଥିବାବେଳେ ଏହା ଉପରେ ଆଖ ପାଖ ଗ୍ରାମର ଲୋକେ ନିର୍ଭର କରନ୍ତି। ନିକଟସ୍ଥ ନଦୀକୁ ଗାଧୋଇବା ଯିବା ପାଇଁ ଏକ ରାସ୍ତା ରହିଛି। ଏପରିସ୍ଥଳେ ଫ୍ୟାକ୍ଟ୍ରି ଜମିର ପରିସୀମା ବୃଦ୍ଧି ହୋଇଥିଲା। ପାର୍ଶ୍ୱରେ ଥିବା ସରକାରୀ ଜମିକୁ ମାଲିକ ନିଜ ଦଖଲରେ ନେଇଯାଇଥିଲେ। ସେଠାରେ ଏବେ ସେ ତିଆରି ହେଉଥିବା ପାଇପ୍ ଓ ସାମଗ୍ରୀ ରଖୁଛନ୍ତି। ଏହାସହ ନିକଟରେ ଥିବା ଏକ ନାଳକୁ ପୋତିଦେଇ ଏହା ଉପରେ ବିନା ଅନୁମତିରେ ବ୍ରିଜ ନିର୍ମାଣ କରିଛନ୍ତି। ଏହାକୁ ନେଇ ୨ବର୍ଷ ପୂର୍ବରୁ ଅଭିଯୋଗ ହୋଇଥିଲେ ମଧ୍ୟ ତଦନ୍ତ ଆଳରେ ମାମଲାକୁ ଚାପି ଦିଆଯାଇଛି। ଏବେ ପୁଣି କିଛି ରୟତି ଜମି କିଣି ନିକଟରେ ଥିବା ସରକାରୀ ଜମିକୁ ଦଖଲକୁ ନେଇଛନ୍ତି। ପ୍ରାୟ ୨ ଏକରରୁ ଅଧିକ ସରକାରୀ ଜମି ଦଖଲ କରିଥିବା ଗ୍ରାମବାସୀ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଫ୍ୟାକ୍ଟ୍ରି ମାଲିକ ସୁରେଶ ଅଗ୍ରୱାଲ କହିଛନ୍ତି, ନିକଟରେ ସରକାରୀ ଜମି ଥିବାରୁ ଦଖଲ କରିନେଇଛୁ। ଏହା ଉପରେ କୌଣସି ସ୍ଥାୟୀ ଭିତ୍ତିଭୂମି ନିର୍ମାଣ କରାଯାଉ ନାହିଁ। କେବଳ ପାଇପ୍ ଓ ନିର୍ମାଣ ସାମଗ୍ରୀ ରଖା ଯାଇଛି। ନାଳ ଉପରେ ବ୍ରିଜ ନିର୍ମାଣ କରାଯାଇଥିଲେ ବି ପ୍ରବାହିତ ପାଣିକୁ ରୋକା ଯାଇ ନାହିଁ। ବଡ କମ୍ପାନୀ ହେତୁ ଲୋକମାନେ ଅଭିଯୋଗ କରିବେ। ହେଲେ ତହସିଲ ଅଫିସରେ ଅଧିକାରୀଙ୍କୁ ଜବରଦଖଲ ନେଇ ଜଣାଇ ଦିଆଯାଇଛି। ସେମାନେ ନିର୍ଦ୍ଦେଶ ଦେଲେ ଉଠିଯିବୁ ବୋଲି କହିଥିଲେ। ଅନ୍ୟପଟେ ଅତିରିକ୍ତ ତହସିଲଦାର ଗୌରବ ପ୍ରଧାନ କହିଛନ୍ତି, କୌଣସି କମ୍ପାନୀ କିମ୍ବା ବ୍ୟକ୍ତିଙ୍କୁ ଜବରଦଖଲ ପାଇଁ ଅନୁମତି ଦିଆଯାଇ ନାହିଁ। ସରକାରୀ ଜମି ଜବରଦଖଲ ଘଟଣାର ତଦନ୍ତ କରାଯିବ। କେତେ ପରିମାଣ ଜମି ରହିଛି ମାପ କରାଯିବା ପରେ ଜଣାପଡିବ।



ମାନେଶ୍ୱର ତହସିଲରେ ଜବରଦଖଲରେ ଥିବା ସରକାରୀ ଜମି।

- ନିର୍ଦ୍ଦେଶ ଦେଲେ ହଟିଯିବୁ: କମ୍ପାନୀ ମାଲିକ
- ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ: ତହସିଲ କର୍ତ୍ତୃପକ୍ଷ

# ସିମେଣ୍ଟ ଖଣ୍ଡରେ ଛେଚି ସ୍ତ୍ରୀଙ୍କୁ ହତ୍ୟା

**ପାରିବାରିକ କଳହର କରୁଣ ପରିଣତି**

**ସମ୍ବଲପୁର,୬।୫ (ବ୍ୟୁରୋ)**

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ବେହେରା ମୁଣ୍ଡାରେ ଗୁରୁବାର ବିଳମ୍ବିତ ରାତିରେ ଏକ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ୱାମୀ ପିଣ୍ଟୁ ମୁଣ୍ଡା ସିମେଣ୍ଟ ଖଣ୍ଡରେ ସ୍ତ୍ରୀ ଜୟମତିଙ୍କ ମୁଣ୍ଡକୁ ଛେଚିହତ୍ୟା କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୩୮/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସୁନ୍ଦରଗଡ଼ ଜିଲା ଧରୁଆଡିହ ଗ୍ରାମର ପିଣ୍ଟୁ ଓ ଜୟମତିଙ୍କ ୯ବର୍ଷ ପୂର୍ବରୁ ବିବାହ ହୋଇଥିଲା। ସେମାନଙ୍କର ୮ବର୍ଷ ଓ ୪ ବର୍ଷର ଦୁଇଝିଅ ଅଛନ୍ତି। ଉଭୟ ଦିନମଜୁରି କରି ପରିବାର ଚଳାଉଥିଲେ। ଏପରିସ୍ଥଳେ କିଛିଦିନ ପୂର୍ବରୁ କୌଣସି କାରଣ ନେଇ ପାରିବାରିକ କଳହ ସୃଷ୍ଟି ହୋଇଥିଲା। ପ୍ରାୟ ସମୟରେ ପିଣ୍ଟୁ ଘରେ ଗଣ୍ଡଗୋଳ ଓ ମାରପିଟ କରୁଥିଲେ। ୧୫ଦିନ ପୂର୍ବରୁ ଗଣ୍ଡଗୋଳ ହେବାରୁ ଜୟମତି ଦୁଇପିଲାଙ୍କୁ ଧରି ବାପଘର ବେହେରାମୁଣ୍ଡା ଚାଲି ଆସିଥିଲେ। ଗୁରୁବାର ରାତିରେ ପିଣ୍ଟୁ ଶ୍ୱଶୁର ଘରକୁ ଆସି ଜୟମତିଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହା କ୍ରମଶଃ ଉଗ୍ରରୂପ ଧାରଣ କରିଥିଲା। ପିଣ୍ଟୁ ନିକଟରେ ଥିବା ସିମେଣ୍ଟ ଖଣ୍ଡରେ ଜୟମତିଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ଜାଣିପାରି ପିଣ୍ଟୁ ଫେରାର ହୋଇଯାଇଥିଲେ। କ୍ଷେତରାଜପୁର ଥାନା ଅଧିକାରିଣୀ ମମତା ନାଏକ କହନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ।



ଅଭିଯୁକ୍ତ ପିଣ୍ଟୁ ମୁଣ୍ଡା।

# ହିଣ୍ଡାଲ୍‌କୋ ପକ୍ଷରୁ ନଦୀଘାଟ ପକ୍କାରାସ୍ତା ନିର୍ମାଣ

**ସମ୍ବଲପୁର,୬।୫(ବ୍ୟୁରୋ)**

ହୀରାକୁଦ ହିଣ୍ଡାଲ୍‌କୋ ଏଫ୍‌ଆର୍‌ପି କାରଖାନା ପାର୍ଶ୍ୱରେ ଥିବା ନଦୀଘାଟ ପାଦ ଚଲା ରାସ୍ତାକୁ ପକ୍କା ରାସ୍ତାରେ ରୂପାନ୍ତରିତ କରାଯାଇଛି। ଶୁକ୍ରବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କମ୍ପାନୀର ଏଫ୍‌ଆର୍‌ପି ମାନବ ସମ୍ବଳ ମୁଖ୍ୟ ଅମିତ ସର, ମାନବ ସମ୍ବଳ ବିଭାଗର ଶିବ ମିଶ୍ର, ଦୀପକ କୁମାର ମହାନ୍ତି, ସିଏସ୍‌ଆର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର ଓ ସରୋଜ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ହିଣ୍ଡାଲ୍‌କୋ କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି।



ହିଣ୍ଡାଲକୋ ଅଧିକାରୀମାନେ ରାସ୍ତା ଉଦ୍‌ଘାଟନ କରୁଛନ୍ତି।

## ଓଡ଼ିଶା ସାଂସ୍କୃତିକ ସମାଜର ନୂତନ କର୍ମକର୍ତ୍ତା

**ସମ୍ବଲପୁର, ୬।୫ (ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରମୀ ଭବନଠାରେ ଓଡ଼ିଶା ସାଂସ୍କୃତିକ ସମାଜର ସାଧାରଣ ପରିଷଦ ବୈଠକ ସଭାପତି ପ୍ରଫୁଲ୍ଲ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସରୋଜ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲେ। ଦୀପକ କୁମାର ପଣ୍ଡା ଓ ଦେବେନ୍ଦ୍ର ପଟେଲ ନିର୍ବାଚନ ପରିଚାଳନା କରିଥିଲେ। ଅଶୋକ କୁମାର ମିଶ୍ର ସଭାପତି ଓ ଡ. ସିଦ୍ଧାର୍ଥ ପଣ୍ଡା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସୂର୍ଯ୍ୟ ପାଣିଗ୍ରାହୀ ଓ ଶିବନାରାୟଣ ପାଣିଗ୍ରାହୀ ଉପସଭାପତି, ସୁରେଖା ସାହୁ ଓ ସବ୍ୟସାଚୀ ମିଶ୍ର ସହସମ୍ପାଦକ, ଦିନବନ୍ଧୁ ପଣ୍ଡା କୋଷାଧ୍ୟକ୍ଷ, ଲୋକନାଥ ପାଣ୍ଡେ ଅଫିସ ସମ୍ପାଦକ, ଡ. ଗୋରୀଦାସ ପଧାନ ଜନଶିକ୍ଷା ଓ ପାଠାଗାର, ଅଖିଳରଞ୍ଜନ ପଟ୍ଟନାୟକ ଖାଉଟି ସୁରକ୍ଷା ଆବାହକ ରହିଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିରେ ୨୫ଜଣ ସଭ୍ୟଙ୍କୁ ସାମିଲ କରାଯାଇଛି।

## ବେଦାନ୍ତ ପକ୍ଷରୁ ରାଷ୍ଟ୍ରୀୟ ଅଗ୍ନିସେବା ସପ୍ତାହ




ଛାତ୍ରୀମାନଙ୍କୁ ନେଇ ଅଗ୍ନିନିର୍ବାପକ ସଚେତନତା କାର୍ଯ୍ୟକ୍ରମ।

**ଝାରସୁଗୁଡ଼ା ଅଫିସ,୬।୫**

ଝାରସୁଗୁଡା ବେଦାନ୍ତ ଆଲୁମିନିୟମ କମ୍ପାନୀ ତରଫରୁ ୭୯ତମ ରାଷ୍ଟ୍ରୀୟ ଅଗ୍ନିସେବା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଓ ବିଭିନ୍ନ ଗୋଷ୍ଠୀଙ୍କ ପାଇଁ ସପ୍ତାହବ୍ୟାପୀ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ଚଳିତବର୍ଷ ବିଷୟବସ୍ତୁ ରହିଥିଲା ଅଗ୍ନି ନିରାପତ୍ତା ବିଷୟ ଜାଣିବା, ଉତ୍ପାଦନ ବଢାଇବା ଇତ୍ୟାଦି। ଏହା ସହିତ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ସହର ଓ ସ୍କୁଲ୍, କଲେଜ ଆଦିରେ ସଚେତନତାମୂଳକ ପ୍ରଶିକ୍ଷଣ, କୁଇଜ୍, ମକ୍‌ଡ୍ରିଲ୍, କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଅଗ୍ନିଶମ ଅଧିକାରୀ ରମେଶ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଯୋଗଦେଇଥିଲେ। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ୧୨ହଜାର ବିଜନେସ୍ ପାର୍ଟନର ଅଂଶଗ୍ରହଣ କରିଥିଲେ। କମ୍ପାନୀର ନିରାପତ୍ତା ସମ୍ପର୍କରେ ସିଇଓ ସୁନୀଲ ଗୁପ୍ତା କହିଥିଲେ, ଭାରତର ବୃହତ୍ତମ ଆଲୁମିନିୟମ ନିର୍ମାତା ଭାବରେ ଆମେ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ଉଦ୍ଦେଶ୍ୟରେ କଠୋର ପ୍ରକ୍ରିୟା ଓ ଅଭ୍ୟାସ ପ୍ରୟୋଗ କରୁଛୁ।

# ଭିସୁଟ୍ ଛାତ୍ରଙ୍କ ଆନ୍ଦୋଳନ ସ୍ଥଗିତ

**ଜୁଲାଇ ପର୍ଯ୍ୟନ୍ତ ପରୀକ୍ଷା ଘୁଞ୍ଚାଇବାକୁ ନିଷ୍ପତ୍ତି**

**ସମ୍ବଲପୁର,୬।୫ (ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ଗୁରୁବାର ସନ୍ଧ୍ୟାରୁ ଚାଲିଥିବା ଛାତ୍ର ଆନ୍ଦୋଳନ ଶୁକ୍ରବାର ଅପରାହ୍ନ ୨ଟାରେ ସ୍ଥଗିତ ହୋଇଛି। ସକାଳେ କୁଳପତି ପ୍ରଫେସର ବଂଶୀଧର ମାଝି, କୁଳସଚିବ ଉପମା କାଲୋ, ଡିନ, ବିଭାଗୀୟ ମୁଖ୍ୟମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଆଲୋଚନା ପରେ ପରୀକ୍ଷାକୁ ମେ ତୃତୀୟ ସପ୍ତାହ କିମ୍ବା ଜୁଲାଇ ମାସରେ କରାଯିବା ପାଇଁ ସ୍ଥିର ହୋଇଥିଲା। ଏ ନେଇ ଛାତ୍ରମାନଙ୍କୁ ସୂଚନା ଦିଆଯିବା ପରେ ଅପରାହ୍ନରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କୁଳପତି ମାଝି କହିଥିଲେ, ଅନ୍‌ଲାଇନ ପରୀକ୍ଷା ଓ ପରୀକ୍ଷା ତାରିଖ ଘୁଞ୍ଚାଇବାକୁ ଛାତ୍ରମାନେ ଦାବି କରିଥିଲେ। ବୈଠକରେ ଆଲୋଚନା କରାଯାଇ ସୂଚନା ଦିଆଯାଇଥିଲା। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ହେଲେ ଜଣେ ଛାତ୍ର କହିଛନ୍ତି, ଅନ୍‌ଲାଇନ ପରୀକ୍ଷା ପାଇଁ ଦାବି କରିଥିଲୁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଶନିବାର ଅପରାହ୍ନ ୨ଟାରେ ପୁଣି ଆନ୍ଦୋଳନ କରାଯିବ। ସୂଚନାଯୋଗ୍ୟ ଦ୍ୱିତୀୟ ବର୍ଷ ଓ ତୃତୀୟ ବର୍ଷର ସେମିଷ୍ଟର ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବାର ଥିଲା। ଏହାକୁ ଘୁଞ୍ଚାଇ ଦିଆଯାଉ ନଚେତ ଅନ୍‌ଲାଇନରେ ପରୀକ୍ଷା କରାଯାଉ ଦାବି କରି ଛାତ୍ରମାନେ ପ୍ରଶାସନିକ ଅଫିସ ସମ୍ମୁଖରେ ଆନ୍ଦୋଳନ କରିଥିଲେ।

## ସମ୍ବଲପୁରୀ ପତ୍ରିକା ଦର୍ପନ ଉନ୍ମୋଚିତ

**ସମ୍ବଲପୁର,୬।୫(ବ୍ୟୁରୋ)**

ସମ୍ବଲପୁରୀ ପତ୍ରିକା ଦର୍ପନ ଶୁକ୍ରବାର ସମଲେଶ୍ୱରୀ ମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି। କମଳଲୋଚନ ପଣ୍ଡାଙ୍କ ରଚିତ ସମଲେଶ୍ୱରୀ ଅଷ୍ଟକମ ମଧ୍ୟ ଉନ୍ମୋଚିତ ହୋଇଥିଲା। ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର, ଡ. ପ୍ରମୋଦ କୁମାର ରଥ, ଡ. ସ୍ୱୟଂପ୍ରକାଶ ପଣ୍ଡା, ସୁବୋଧ କୁମାର ଦୋରା, ମାନସ କୁମାର ଷଡଙ୍ଗୀ, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ପଦ୍ମାସିନୀ ସେଠ, ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ, ପତ୍ରିକାର କାର୍ଯ୍ୟକାରୀ ସମ୍ପାଦକ ଲକ୍ଷ୍ମୀନାରାୟଣ ପଣ୍ଡା, ପ୍ରକାଶିକା ଡଳିମା ଭୋଇ ଉପସ୍ଥିତ ଥିଲେ।

## ବୁର୍ଲା ଡିଏଭି ବିଦ୍ୟାଳୟର ବାର୍ଷିକୋତ୍ସବ ଉମଙ୍ଗ



ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ସମ୍ବଲପୁର,୬।୫(ବ୍ୟୁରୋ)**

ବୁର୍ଲା ଡିଏଭି ବିଦ୍ୟାଳୟର ବାର୍ଷିକୋତ୍ସବ ଉମଙ୍ଗ ବୁଧବାର ରାତ୍ରିରେ ଅନୁଷ୍ଠିତ ହୋଇଯାଇଛି। ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଡିଏଭି ଜୋନ-୨ ଆଞ୍ଚଳିକ ନିର୍ଦ୍ଦେଶକ ଲୋକନାଥ ପ୍ରଧାନ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଡିଏଭି ବିଦ୍ୟାଳୟର ଅଙ୍ଗୀକାରବଦ୍ଧତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏମ୍‌ସିଏଲ୍ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ସିଭିଓ ପି.କେ. ପଟେଲ, ବୈଷୟିକ ନିର୍ଦ୍ଦେଶକ ଜେ.କେ. ବେରାହ୍, ଜାଗୃତି ମହିଳା ମଣ୍ଡଳ ସଭାନେତ୍ରୀ ପଦ୍ମଜା ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏସ୍.କେ. ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ରଶ୍ମି ମିଶ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀବସ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**କୁଚିଣ୍ଡା,୬।୫(ଡି.ଏନ.ଏ.)**

କୁଚିଣ୍ଡା ଥାନା ୪୯ନଂ ଜାତୀୟ ରାଜପଥ ସଇଡ଼ା ନୂଆ ବ୍ରିଜ ନିକଟରେ ଶୁକ୍ରବାର ରାତି ପ୍ରାୟ ୮ଟା ବେଳେ ଟ୍ରକ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଚିଣ୍ଡା ଥାନା କିଶାନ କୁଣ୍ଡାପୋଷି ଗ୍ରାମର ବିପ୍ର ଛତ୍ରିଆ(୨୩)। ସୂଚନା ଅନୁଯାୟୀ ବିପ୍ର ଝାରସୁଗୁଡ଼ା ଅଞ୍ଚଳର ଶ୍ୱଶୁର ଘରକୁ ଯାଉଥିବା ସମୟରେ ସାମ୍ନାପଟୁ ଆସୁଥିବା ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

## ମୃତ ଆଇଆର୍‌ବି ଯବାନଙ୍କ ପରିବାରକୁ ସହାୟତା ଦାବି

**ଲୋଇସିଂହା,୬।୫(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଗ୍ରାମର ଆଇଆରବି ଯବାନ ମନବାଞ୍ଛା ଧରୁଆ(୨୭) ଗତ ବୁଧବାର କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଥିଲେ। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଏହି ଅସହାୟ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଝାରମୁଣ୍ଡା ଗ୍ରାମର ପବିତ୍ର ଧରୁଆଙ୍କ ପୁଅ ମନବାଞ୍ଛା ବୌଦ୍ଧରେ ଆଇଆରବି ଯବାନ ଥିଲେ। ବୌଦ୍ଧରେ ସେ କାର୍ଯ୍ୟ କରୁଥିଲେ। ଛୁଟିରେ ଗାଁକୁ ଆସିଥିଲେ। ହେଲେ ବୁଧବାର ସକାଳେ ଗାଁ ନିକଟସ୍ଥ ଚାଷ ଜମିରେ ଥିବା ଏକ ଗଛରେ ବେକରେ ଗାମୁଛା ଫାଶ ପକାଇ ଆତ୍ମହତ୍ୟା କରିଥିଲେ। ସେହି ଅଞ୍ଚଳକୁ ଗ୍ରାମର କେତେକ ଲୋକ ଯାଇଥିବାବେଳେ ଏହା ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ମନବାଞ୍ଛା ବିବାହିତ ଥିଲେ। ସ୍ତ୍ରୀ, ୪ ମାସର ଶିଶୁ କନ୍ୟା, ମା', ବାପା ଏବଂ ଭଉଣୀ ଅଛନ୍ତି। ମନବାଞ୍ଛାଙ୍କ ରୋଜଗାର ଉପରେ ସମ୍ପୂର୍ଣ୍ଣ ପରିବାର ଲୋକେ ନିର୍ଭର କରୁଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଅସହାୟ ହୋଇପଡିଥିବା ଗ୍ରାମବାସୀ କହିଛନ୍ତି।

# ନାକଟିଦେଉଳ ପଞ୍ଚାୟତ ସମିତି ବୈଠକ

**ନାକଟିଦେଉଳ,୬।୫(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ପ୍ରଥମ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ ସଭାପତିତ୍ୱ କରିଥିବା ବେଳେ ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, ଜୋନ-୧ ଜିଲା ପରିଷଦ ସଭ୍ୟା ପ୍ରିୟମ୍ବଦା ସାହୁ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ କୁମାର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ମୁଖ୍ୟତଃ ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟା, କୃଷି, ଶିକ୍ଷା, ଗମନାଗମନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ହାତୀ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ସମସ୍ତ ଗ୍ରାମରେ ଆଲୋକୀକରଣ ସହ ଠିକ୍ ସମୟରେ ପିଡ଼ିଏସ ସାମଗ୍ରୀ ଯୋଗାଣ କରିବାକୁ ବାଟଗାଁ ସରପଞ୍ଚ ସୌଦାମିନୀ ବେହେରା ଲିଖିତ ଦାବି ଉପସ୍ଥାପନ କରିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ଭାବେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଲଗାଯିବା ଦିଗରେ ପଦକ୍ଷେପ ନିଆଯିବା ସହ ଗିରିଶ୍ଚନ୍ଦ୍ରପୁର ପିତାସିଆରି ଗ୍ରାମରେ ଥିବା ଅଙ୍ଗନୱାଡ଼ି ଘର ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ଦାବି କରିଥିଲେ। ଏଥିରେ ଅତିରିକ୍ତ ବିଡିଓ ବିଦ୍ୟାଧର ରାଉତରାୟ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ୧୪ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ଲୋକ ପ୍ରତିନିଧି ଓ ଅଧିକାରୀ।

# ୱାର୍ଡ ବୁଲି ଭତ୍ତା ବାଣ୍ଟିଲେ ସରପଞ୍ଚ

**ଝାରସୁଗୁଡ଼ା ଅଫିସ,୬।୫**

ଲଖନପୁର ବ୍ଲକ ତେଲେନପାଲି ପଞ୍ଚାୟତର ଯୁବ ସରପଞ୍ଚ ଆକାଶ ସାହୁ ଜନପ୍ରତିନିଧି ଭାବେ ନିର୍ବାଚିତ ହେବା ପରେ ଲୋକଙ୍କ ସେବା କରିବା ପାଇଁ ଆଗେଇ ଆସିଛନ୍ତି। ଏହି ପଞ୍ଚାୟତରେ ସମୁଦାୟ ୧୧ ୱାର୍ଡ ରହିଥିବାବେଳେ କେତେକ ୱାର୍ଡ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବହୁ ଦୂରରେ ରହିଛି। ଏହିସବୁ ୱାର୍ଡର ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗ ହିତାଧିକାରୀ ପ୍ରତ୍ୟେକ ମାସରେ ଭତ୍ତା ଟଙ୍କା ନେବା ପାଇଁ ଚାଲି ଚାଲି ପ୍ରବଳ ଖରାରେ ଆସି ପୁଣି ଫେରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପଞ୍ଚାୟତ ତରଫରୁ ସରପଞ୍ଚ ପ୍ରତ୍ୟେକ ୱାର୍ଡକୁ ଯାଇ ହିତାଧିକାରୀଙ୍କ ନିକଟରେ ଭତ୍ତା ଟଙ୍କା ପହଞ୍ଚାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଚଳିତ ମାସରେ ସରପଞ୍ଚ ସାହୁ ଓ ଯୋଗାଣ ସହାୟକ ସଞ୍ଜୀବ ଭୋଇ ପ୍ରତ୍ୟେକ ୱାର୍ଡରେ ପହଞ୍ଚି ହିତାଧିକାରୀଙ୍କୁ ଭତ୍ତା ଟଙ୍କା ବଣ୍ଟନ କରିଛନ୍ତି। ସରପଞ୍ଚଙ୍କ ଏଭଳି ଉଦ୍ୟମକୁ ପଞ୍ଚାୟତବାସୀ ପ୍ରଶଂସା କରିଛନ୍ତି। ଜନପ୍ରତିନିଧି ହୋଇ ଲୋକଙ୍କ ସେବା କରିବା ତାଙ୍କ ପାଇଁ ଏକ ସୌଭାଗ୍ୟ ବୋଲି ସରପଞ୍ଚ ସାହୁ କହିଛନ୍ତି।



ୱାର୍ଡ ବୁଲି ଭତ୍ତା ବାଣ୍ଟୁଛନ୍ତି ସରପଞ୍ଚ।

## ଟିଟିଲାଗଡ଼ର ଗୌରବ ଆରାଧା

ଟିଟିଲାଗଡ଼,(ଡି.ଏନ୍.ଏ.): ଅଖିଳ ନଟରାଜ ଆନ୍ତର୍ଜାତିକ ଅନ୍‌ଲାଇନ ନୃତ୍ୟ ପ୍ରତିଯୋଗିତା ଓ ଉତ୍ସବର ଭାଗ-୨ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅନ୍‌ଲାଇନ ବିଶ୍ୱସ୍ତରୀୟ ଅଲମ୍ପିଆଡ ପ୍ରତିଯୋଗିତାର ଶିଶୁ ବିଭାଗରେ ଏକାକୀ ଲୋକନୃତ୍ୟରେ ଆରାଧା ଠାକୁର ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାରକରି ଟିଟିଲାଗଡ଼କୁ ଗୌରବାନ୍ୱିତ କରିଛନ୍ତି। ଆରାଧା ସ୍ଥାନୀୟ ଶ୍ରୀ ଦାଦାଜୀ ମନ୍ଦିର ପ୍ରଭାବତୀ ପବ୍ଲିକ ସ୍କୁଲର ତୃତୀୟ ଶ୍ରେଣୀର ଛାତ୍ରୀ। ବିଦ୍ୟାଳୟ ଅଧ୍ୟକ୍ଷା ସୁନନ୍ଦା ଜଟିଙ୍କ ପ୍ରେରଣା, ନୃତ୍ୟଗୁରୁ ଶୁଭଦର୍ଶିନୀ ମିଶ୍ରଙ୍କ ପ୍ରଶିକ୍ଷଣ ଏବଂ ମା' ଶ୍ରୀମା ଠାକୁରଙ୍କ ତତ୍ତ୍ୱାବଧାନ ଆରାଧାଙ୍କ ଆତ୍ମବିଶ୍ୱାସ ବଢାଇ ଏ ସ୍ତରକୁ ଆଣିଦେଇଛି।

### ସଂକ୍ଷେପରେ

## ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଦେଓଗାଁ,୬।୫(ଡି.ଏନ.ଏ): ବଲାଙ୍ଗିର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ପିପଲପଦର ଗ୍ରାମରେ ଜଣେ ବିବାହିତା ମହିଳା ଶୁକ୍ରବାର ଆତ୍ମହତ୍ୟା କରିଥିବା ଜଣାପଡିଛି। ଖବର ପାଇ ବନ୍ଧପଡା ଫାଣ୍ଡି ଅଧିକାରୀ ଘଟଣା ସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ମତେ ବଲାଙ୍ଗିର ଇନ୍ଦ୍ର ନଗର ପଡାର ଝିଅଙ୍କ ପିତା ପ୍ରଦୀପ କୁମାର ସାହୁ ତାଙ୍କ ଝିଅକୁ ଶାଶୁ ଘର ଲୋକେ ହତ୍ୟାକରି ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ଦେଓଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁଇ ବର୍ଷ ତଳେ ପିପଲପଦର ଗ୍ରାମର ପ୍ରକାଶ ସାହୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ଏ ନେଇ ଦେଓଗାଁ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଥିବା ଥାନାଧିକାରୀ ବାମଦେବ ଶଙ୍ଖୂଆଲ ସୂଚନା ଦେଇଛନ୍ତି।

## ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ଧାରଣା

### ବିଧାୟକଙ୍କ ଗିରଫଦାରିର ପ୍ରତିବାଦ, ତିଲେଇବଣି ବିଡିଓଙ୍କୁ ଗିରଫ ଦାବି

ଦେବଗଡ଼,୬।୫(ଡି.ଏନ୍.ଏ.): ଦେବଗଡ଼ ଜିଲା ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଗିରଫଦାରିର ପ୍ରତିବାଦ କରିଛି ଭାଜପା। ବିଡିଓ ଦଳପତିଙ୍କୁ ଗିରଫ ଦାବିରେ ରାଜ୍ୟ ଭାଜପାର ଆହ୍ୱାନ କ୍ରମେ ଭାଜପା ପକ୍ଷରୁ ଶୁକ୍ରବାର ରାଜ୍ୟର ସମସ୍ତ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨ଘଣ୍ଟିଆ ଧାରଣା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଦେବଗଡ ଜିଲା ଭାଜପା ପକ୍ଷରୁ ମଧ ଦେବଗଡ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଦେବଗଡ଼ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ଜିଲା ମହିଳା ଭାଜପା ସଭାନେତ୍ରୀ ବିଳାସିନୀ ଥାପ୍ପା, ଜିଲା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ ଓ ସମୀର କୁମାର ସାହୁ, ଜିଲା ଉପସଭାପତି ଭାରତ ଭୂଷଣ ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା ଉପନଗରପାଳ ପ୍ରଜିତ କୁମାର ଭୋଜ, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୂତିଆ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା, ନଗର ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ସାଧାରଣ ସମ୍ପାଦକ ଜଗନ୍ନାଥ ବେହେରା, ନଗର ସମ୍ପାଦକ ରମଣୀରଞ୍ଜନ ଆଚାର୍ଯ୍ୟ ଓ ବରିଷ୍ଠ ନେତା ରୋହିତ ଗଙ୍ଗଦେବଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ବହୁ ଭାଜପା ନେତା ଓ କର୍ମୀ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଦେବଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଅବସରରେ ବିଡିଓ ଦଳପତିଙ୍କୁ ଗିରଫ ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍‌ପି ରାଜକିଶୋର ପାଇକରାୟଙ୍କୁ ଦଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଧାରଣାରେ କାଉନଶିଲର ମଧୁସୂଦନ ବାଘ, ସରୋଜିନୀ ମୁଣ୍ଡା, କାର୍ତ୍ତିକ ମହାକୁଳ, ପିଙ୍କିରାଣୀ ସାହୁ, ଇତିଶ୍ରୀ ମିଶ୍ର, ବିରଞ୍ଚି ବେହେରା, ପିଲୁ ନାୟକ ଓ ରିତେଶ ନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

# ସିବିଆଇ ତଦନ୍ତ ଦାବି କଲେ ପରିବାର



ନିଶାନ୍ତ କୁମାରଙ୍କ ଫାଇଲ ଫଟୋ।

**ବଲାଙ୍ଗୀର ଅଫିସ, ୬।୫**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବର୍ଷ ମେଡିକାଲ ଛାତ୍ର ନିଶାନ୍ତ କୁମାରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ କରାଯିବାକୁ ତାଙ୍କ ପରିବାର ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ନିଶାନ୍ତଙ୍କ ବାପା ଡ. କ୍ରିଷ୍ଣନ୍ କୁମାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଘଟଣାର ସିବିଆଇ ତଦନ୍ତ ପାଇଁ ଅନୁରୋଧ କରିଥିବା ଜଣାପଡିଛି। ଉକ୍ତ ଚିଠିରେ ସେ ଭୀମଭୋଇ ମେଡିକାଲ କଲେଜରେ କିଭଳି ସିନିୟର ଛାତ୍ରମାନେ ଜୁନିୟର ଛାତ୍ରଙ୍କୁ ର୍‍ୟାଗିଂ କରୁଥିଲେ ଦର୍ଶାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, କଲେଜରେ ଜୁନିୟର ଛାତ୍ରଙ୍କୁ ମାନସିକ ଓ ଶାରୀରିକ ଉତ୍ପୀଡନ କରାଯାଉଥିଲା। କଲେଜ ପଡ଼ିଆକୁ ଜୁନିୟର ଛାତ୍ରଙ୍କୁ ସଫା କରିବା ପାଇଁ କୁହାଯିବା ସହ ପ୍ରତିଦିନ ସେମାନଙ୍କୁ ସେଠାରେ ୨ରୁ ୩ ଘଣ୍ଟା ଠିଆ ହେବାକୁ କୁହାଯାଉଥିଲା। କେବଳ ସିନିୟର ଛାତ୍ରମାନେ ପଡ଼ିଆରେ ଖେଳୁଥିଲେ। ଜୁନିୟରମାନେ ସେଠାରେ ଅଟକି ରହି ସେମାନଙ୍କୁ ଉତ୍ସାହିତ କରିବାକୁ ବାଧ ହେଉଥିଲେ। ସିନିୟର ଛାତ୍ରଙ୍କ ସହ ଆଖିକୁ ଆଖି ମିଳାଇ କଥା ନ ହେବାକୁ ତାଗିଦ୍ କରାଯାଇଥିଲା। ଏହା ସହିତ ଓଡ଼ିଶାର ଏକ ପୁରୁଣା ମେଡିକାଲ କଲେଜର କିଛି ଛାତ୍ର ବଲାଙ୍ଗୀର ମେଡିକାଲ କଲେଜର ଜୁନିୟର ଛାତ୍ରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଉଲ୍ଲେଖ କରିଛନ୍ତି। ର୍‍ୟାଗିଂ ସମ୍ପର୍କରେ ପ୍ରଘଟ କଲେ ଧମକ ଦିଆଯାଉଥିବା ନେଇ ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇଥିବା ପତ୍ରରେ ସେ ଉଲ୍ଲେଖ କରିଛନ୍ତି। ଉକ୍ତ ଚିଠିରେ ସେ ଭୀମଭୋଇ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। କୌଣସି ତଦନ୍ତ କରା ନ ଯାଇ ନିଶାନ୍ତଙ୍କୁ କଲେଜରେ ର୍‍ୟାଗିଂ ହୋଇନାହିଁ ବୋଲି କଲେଜ କର୍ତ୍ତୃପକ୍ଷ କିଭଳି ତତ୍‌କ୍ଷଣାତ ଜାଣିଗଲେ ବୋଲି ପ୍ରଶ୍ନ କରିଛନ୍ତି। ଏହା ସହିତ କଲେଜର ଆଣ୍ଟିର୍‍ୟାଗିଂ କମିଟି କୌଣସି ବିସ୍ତୃତ ତଦନ୍ତ କରି ନ ଥିବା ଦର୍ଶାଇଛନ୍ତି। କଲେଜ କର୍ତ୍ତୃପକ୍ଷ ପୀଡିତ ପରିବାରଙ୍କ କୌଣସି ଅଭିଯୋଗ ଶୁଣି ନ ଥିବା ଅଭିଯୋଗ ଉଠାଇବା ସହ ନିଶାନ୍ତ ମୃତ୍ୟୁ ମାମଲାକୁ ଲୁଚାଇବାକୁ ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ନିଶାନ୍ତଙ୍କ ପରିବାରକୁ ନ୍ୟାୟ ଦେବା ପରିବର୍ତ୍ତେ କଲେଜର ପ୍ରତିଷ୍ଠା ବଞ୍ଚାଇବାକୁ ସେଠାରେ ଅଧିକ ଧ୍ୟାନ ଦିଆଯାଉଥିବା ଉଲ୍ଲେଖ କରିଛନ୍ତି। ନିଶାନ୍ତ ମୃତ୍ୟୁ ମାମଲାରେ ଭୀମଭୋଇ ମେଡିକାଲ କଲେଜର ଡିନ୍, ୱାର୍ଡନ, ଅଧକ୍ଷ, ଆଣ୍ଟିର୍‍ୟାଗିଂ କମିଟି ଏବଂ ର୍‍ୟାଗିଂରେ ସମ୍ପୃକ୍ତ ଛାତ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇଥିବା ପତ୍ରରେ ଦାବି କରିଛନ୍ତି। ନିଶାନ୍ତ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ କରାଯିବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ଘଟଣା ସମ୍ପର୍କରେ ଜାତୀୟ ମାନବିକ ଅଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିବା ନିଶାନ୍ତଙ୍କ ବାପା ଡ. କୁମାର ଜଣାଇଛନ୍ତି।

### ନିଶାନ୍ତଙ୍କ ସୁଇସାଇଡ୍ ନୋଟରେ ଚାଞ୍ଚଲ୍ୟକର ତଥ୍ୟ: ରାଜସ୍ଥାନ ଛାତ୍ର କରିଛନ୍ତି ର୍‍ୟାଗିଂ

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବର୍ଷ ମେଡିକାଲ ଛାତ୍ର ନିଶାନ୍ତ କୁମାରଙ୍କ ମୃତ୍ୟୁ ର୍‍ୟାଗିଂ ଯୋଗୁ ହୋଇଛି ବୋଲି ତାଙ୍କ ପରିବାର ଲୋକେ ଘଟଣାଦିନରୁ ଅଭିଯୋଗ କରିଆସୁଛନ୍ତି। ନିଶାନ୍ତ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ କରିବାକୁ ନିଶାନ୍ତଙ୍କ ବାପା ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ ଜଣାଇଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ନିଶାନ୍ତ ପ୍ରାୟ ପ୍ରତିଦିନ ଡାଇରୀରେ ବିଭିନ୍ନ ଘଟଣାବଳୀ ଲେଖୁଥିଲେ। ଗତ ଏପ୍ରିଲ ୧୫ ଓ ୧୭ ତାରିଖ ନିଶାନ୍ତଙ୍କୁ କିଛି ସିନିୟର ଛାତ୍ର ର୍‍ୟାଗିଂ କରିଥିଲେ। ଉକ୍ତ ର୍‍ୟାଗିଂରେ କଲେଜରେ ପାଠ ପଢୁଥିବା ରାଜସ୍ଥାନର କିଛି ସିନିୟର ଛାତ୍ର ସମ୍ପୃକ୍ତ ଥିବା ସେ ଦର୍ଶାଇଥିବା ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି। ଗତ ୨୨ ଏପ୍ରିଲ ଦିନ ଭୀମଭୋଇ କଲେଜ କ୍ଲାସ୍‌ରୁମ୍‌ରେ କିଛି ଗୋଟିଏ ବଡଧରଣର ଘଟଣା ଘଟିଥିଲା। ସେଦିନ କ୍ଲାସ୍‌ରୁ ଫେରି ନିଶାନ୍ତ ତୁରନ୍ତ ଦିନ ପ୍ରାୟ ୧ଟା ୧୦ ମିନିଟ୍‌ରୁ ୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ ୪ ପୃଷ୍ଠାର ସୁଇସାଇଡ୍ ନୋଟ୍ ଲେଖିଥିଲେ ଓ ଦିନ ପ୍ରାୟ ୩ଟା ପାଖାପାଖି ତାଙ୍କର ମୃତ୍ୟୁ ହୋଇଥିଲା। ୫ ମହଲା ବିଶିଷ୍ଟ କଲେଜ ହଷ୍ଟେଲରୁ ନିଶାନ୍ତ ଖସିପଡି ମୃତ୍ୟୁବରଣ କରିଥିବା କୁହାଯାଇଥିଲା।

### ମେଡିକାଲ ଛାତ୍ର ନିଶାନ୍ତ କୁମାର ମୃତ୍ୟୁ ମାମଲା

■ ପ୍ରଧାନମନ୍ତ୍ରୀ ଓ ଜାତୀୟ ମାନବିକ ଅଧିକାର କମିଶନଙ୍କୁ ଲେଖିଲେ ଚିଠି

## ସ୍ୱର୍ଣ୍ଣ ପଦକ ବିଜେତା ସନ୍ତୋଷ ପ୍ରଧାନଙ୍କୁ ସମ୍ବର୍ଦ୍ଧନା




ସ୍ୱର୍ଣ୍ଣ ପଦକ ବିଜେତା ସନ୍ତୋଷ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ବରଗଡ଼ ଅଫିସ,୬।୫**

ଦିଲ୍ଲୀରେ ହୋଇଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ ମାଷ୍ଟର ଗେମ୍-୨୦୨୨ କ୍ରୀଡା ପ୍ରତିଯୋଗିତାରେ ବରଗଡ଼ ଜିଲା ସରଲା ଗ୍ରାମର ସନ୍ତୋଷ ପ୍ରଧାନ ଭାଗ ନେଇ ୩ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ତାଙ୍କର ଏହି ସଫଳତାରେ ମାହେଶ୍ୱରୀ ସେନା ତରଫରୁ କୁରୁଆଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି କଲତା, ଭାରତୀୟ ସେନାରେ କାର୍ଯ୍ୟରତ ନିର୍ମଳ ଦେହେରୀ ଓ ମାହେଶ୍ୱରୀ ସାଂସ୍କୃତିକ ଗବେଷକ ତ୍ରିଲୋଚନ କର୍ମଙ୍କ ଉପସ୍ଥିତିରେ ସନ୍ତୋଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ବରଗଡ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ମଧ ତାଙ୍କୁ ସମ୍ମାନୀତ କରାଯାଇଥିଲା। ଟ୍ରଷ୍ଟର ସଦସ୍ୟ ସୁରେଶ କୁମାର ସ୍ୱାଇଁ, ନିହାର ରଞ୍ଜନ ପ୍ରଧାନ, ପ୍ରଦୀପ କୁମାର ମହାପାତ୍ର, ବିରେନ୍ଦ୍ର ପ୍ରତାପ ସାହୁ ଓ ଅନୁଷ୍ଠାନର ସଭାପତି ମୁକୁନ୍ଦ ଦାଶ ଘରକୁ ଯାଇ ତାଙ୍କୁ ସମ୍ମାନିତ କରିଥିଲେ। ପ୍ରକାଶଥାଉକି, ସ୍ୱର୍ଣ୍ଣ ପଦକ ବିଜେତା ସନ୍ତୋଷ ପ୍ରଧାନ ବରଗଡ଼ ପୋଲିସ ବିଭାଗରେ କାର୍ଯ୍ୟରତ ଅଛନ୍ତି।

## ବିକାଶ ପ୍ରକ୍ରିୟା ଆଗେଇ ନେବାକୁ ଆହ୍ୱାନ




ଜିଲା ପରିଷଦ ବୈଠକରେ ଉପସ୍ଥିତ ଜନପ୍ରତିନିଧି ଏବଂ ଅଧିକାରୀବୃନ୍ଦ।

### ଜିଲା ପରିଷଦ ବୈଠକ

**ବରଗଡ଼ ଅଫିସ,୬।୫**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ବିଜେପୁର ବିଧାୟିକା ରୀତା ସାହୁ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ଉପାଧକ୍ଷ ମୋହନ ଲୁହା, ବରଗଡ଼ ଏମ୍‌ପି ପ୍ରତିନିଧି ସୁରେଶ୍ୱର ଶତପଥୀ, ବରଗଡ଼ ପୌରାଧକ୍ଷା କଳ୍ପନା ମାଝି, ଜିଲା ପରିଷଦ ସଭ୍ୟାସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ। ଜିଲାର କୃଷି, ପାନୀୟ ଜଳଯୋଗାଣ, ଜଳସେଚନ, ବିଦ୍ୟୁତ୍, ଖାଦ୍ୟ ଓ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ଗ୍ରାମ୍ୟ ଉନ୍ନୟନ ଆଦି ବିଭାଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଜିଲାରେ ଚାଲିଥିବା ବିକାଶ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ସେହିପରି ଜିଲା ପରିଷଦର ୭ଟି ସ୍ଥାୟୀ କମିଟି ଗଠନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। କୃଷି ବିଭାଗର ଆଲୋଚନା ବେଳେ କୃଷି ଉଦ୍ୟୋଗ ଗଠନକୁ ଗୁରୁତ୍ୱ ଦିଆଯାଇଥିଲା। ଜିଲାର ଅନେକ ଚାଷୀ ଫସଲବୀମା ଯୋଜନାରୁ ବଞ୍ଚିତ ହୋଇଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଜଳକ୍ଲିଷ୍ଟ ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ ସ୍କୁଲରେ ଶିକ୍ଷକ ଅଭାବ ଥିବାରୁ ସେହି ପଦବୀ ପୂରଣ ପାଇଁ ଦାବି ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗର ଆଲୋଚନା ବେଳେ ନିରାମୟ ଯୋଜନାରେ ଔଷଧ ଯୋଗାଣ, ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ହିତାଧିକାରୀମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଗୁରୁତ୍ୱ ଦିଆଯାଇଥିଲା। ବିଦ୍ୟୁତ୍ କାଟ୍ ବଢ଼ିଚାଲିଥିବା ଯୋଗୁ ସେ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଥିଲା। ସେହିପରି ଅଧିକାରୀମାନେ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ନେଇ ସ୍ଥାନୀୟ ଜନପ୍ରତିନିଧିଙ୍କୁ ସୂଚନା ଦେବା ପାଇଁ ଦାବି ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଶାକର୍ମୀଙ୍କୁ ଆର୍ଥିକ ଶୋଷଣ ଅଭିଯୋଗରେ ସିଡିଏମ୍‌ଓଙ୍କୁ ଦାବିପତ୍ର

**ବଲାଙ୍ଗୀର ଅଫିସ,୬।୫**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ କାର୍ଯ୍ୟରତ ଆଶାକର୍ମୀମାନେ ଶୁକ୍ରବାର ସିଡିଏମ୍‌ଓ ଅଫିସକୁ ଆସି ୭ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଦତ୍ତ ଦାବିପତ୍ରରେ ଆଶାକର୍ମୀମାନଙ୍କୁ ଆର୍ଥିକ ଶୋଷଣ କରୁଥିବା ଉଲ୍ଲେଖ କରିଛନ୍ତି। ଆଶାକର୍ମୀମାନଙ୍କୁ ମିଳୁଥିବା ପ୍ରୋତ୍ସାହନ ରାଶିକୁ ଏଏନ୍‌ଏମ୍‌ମାନେ ଜୋର ଜବରଦସ୍ତି ନେଇଯାଉଥିବା ଅଭିଯୋଗ ଆଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ଆଶାକର୍ମୀଙ୍କୁ ମିଳିଥିବା ୧୦ହଜାର ଟଙ୍କାରୁ ଏଏନ୍‌ଏମ୍‌ମାନେ ଜୋରଦବରଦସ୍ତି ୪/୫ ହଜାର ଟଙ୍କା ଅସୁଲ କରି ନେଉଥିବା ଅଭିଯୋଗ କରିଛନ୍ତି। ଏହା ସହିତ ପ୍ରତ୍ୟେକ ମାସରେ ପ୍ରୋତ୍ସାହନ ରାଶିକୁ ନିର୍ଦ୍ଦିଷ୍ଟ ତାରିଖରେ ପ୍ରଦାନ କରାଯିବା, କୋଭିଡ ସମୟର ଡ୍ୟୁଟି ଏରିଅର ପ୍ରଦାନ କରାଯିବା, ଆଶାକର୍ମୀଙ୍କୁ ପ୍ରୋତ୍ସାହନ ରାଶିରୁ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବା, ଲାଞ୍ଛୁଆ ଏଏନ୍‌ଏମ୍, ବିପିଓ ଓ ବିପିଏମ୍‌ଙ୍କୁ ତୁରନ୍ତ ବଦଳି କରାଯିବାକୁ ଦାବି କରାଯାଇଛି। ଆଶାକର୍ମୀମାନେ ସିଡିଏମ୍‌ଓ ଅଫିସକୁ ଆସି ଏହି ଦାବିପତ୍ର ପ୍ରଦାନ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ।

## କ୍ଷତି ସହୁଛନ୍ତି ଚାଷୀ



ରାସ୍ତାପାର୍ଶ୍ୱରେ ଥିବା ଚାଷ ଜମି।

**ବିନିକା,୬।୫(ଡି.ଏନ.ଏ.)**

### ଷ୍ଟ୍ରିଟ୍ ଲାଇଟ୍ ସ୍ଥାନାନ୍ତର ଦାବି

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ୱାର୍ଡ ନଂ ୧୨ଅଧୀନ ଜବଦା ଗାଁ। ଜନସଂଖ୍ୟା ୮ଶହରୁ ଉର୍ଦ୍ଧ୍ୱ। ଧାନଚାଷ କରି ଅଧିକାଂଶ ଲୋକେ ଜୀବିକା ନିର୍ବାହ କରନ୍ତି। ବର୍ଷକୁ ଦୁଇଥର ଚାଷୀମାନେ ଧାନଚାଷ କରିଥାନ୍ତି। ଏହି ଅଞ୍ଚଳର କେତେକ ଚାଷୀ ଅଭିଯୋଗ କରିଛନ୍ତି ଯେ, ୩ ବର୍ଷ ହେଲା ରାସ୍ତାପାର୍ଶ୍ୱରେ ଲଗା ଯାଇଥିବା ଷ୍ଟ୍ରିଟ୍ ଲାଇଟ୍ ଏଲ୍‌ଇଡିର ଆଲୋକ ବିକିରଣ ଯୋଗୁଁ ଧାନ ଫସଲ ନଷ୍ଟ ହେଉଛି। ଧାନଗଛରେ କେଣ୍ଡା ଧରୁନାହିଁ। ଜବଦା ଗାଁ ଦେଇ ଚରଦା ପଟକୁ ଯାଇଥିବା ଯୋଗେଶ୍ୱର, କପିଳେଶ୍ୱର ମନ୍ଦିର ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶହଶହ ଏକର ଚାଷ ଜମି ଏହାଦ୍ୱାରା ପ୍ରଭାବିତ ହେଉଛି। ଧାନଗଛରେ କେଣ୍ଡା ଧରୁନାହିଁ । ଯେଉଁ କେଣ୍ଡା ବାହାରୁଛି ତାହା ପରିପକ୍ୱ ହେଉନାହିଁ। ଉଠା ଜଳସେଚନ ମାଧ୍ୟମରେ ଫସଲ କରୁଥିବା ଚାଷୀ ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି। ଚାଷୀମାନେ ଏ ନେଇ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇ ଅବଗତ କରିଛନ୍ତି। ହେଲେ ଏନଏସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିବା ବାହାଦୁଲ ମୁଦୁଲି, ସୂର୍ଯ୍ୟନାରାୟଣ ପଣ୍ଡା, ମନୋଜ ମୁଦୁଲି, ପ୍ରମୋଦ ପଣ୍ଡା, ଅଭିଲାଷ ଚନ୍ଦ୍ର ବେହେରା, ଦ୍ୱାରୁ ପାତ୍ର, ଫୁଲମାଳିଆ ମଲ୍ଲିକ, ସୁଶାନ୍ତ ପାତ୍ର, ସମୀର ପଣ୍ଡା, ନୀଳମାଧବ ପଣ୍ଡା ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଜବଦାର ଶିକ୍ଷିତ ବୟୋଜ୍ୟେଷ୍ଠ ଧାନଚାଷୀ ପ୍ରମୋଦ ପଣ୍ଡା କହନ୍ତି, ଷ୍ଟ୍ରିଟ୍ ଲାଇଟ୍ ଏଲ୍‌ଇଡି ଆଲୁଅରେ ଧାନ ଫସଲ ଅପରିପକ୍ୱ ହେଉଛି। ଧାନଗଛ ଧାନକେଣ୍ଡା ଧରୁନାହିଁ। ୩ବର୍ଷ ହେଲା ବ୍ୟାପକ ଫସଲ କ୍ଷୟକ୍ଷତି ହେଲାଣି। ଲାଇଟ୍ ବନ୍ଦ ପାଇଁ ବିନିକା ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଜଣାଇଲୁ। କିଛିଦିନ ହେଲା ଆଲୁଅ ଲିଭାଯାଇଛି। ଯେଉଁ ରାସ୍ତାରେ ଲାଇଟର ଅତି ଆବଶ୍ୟକ ରହିଛି ଯଥା ନିକଟସ୍ଥ ଘଣ୍ଟାସିନୀ ପୀଠକୁ ରାସ୍ତା ନିର୍ମାଣ କରି ଷ୍ଟ୍ରିଟ ଲାଇଟ ଲଗାହେଲେ ଉଚିତ ହୁଅନ୍ତା ବୋଲି ସେ କହିଥିଲେ। ଜବଦା ଗାଁ ଧାନଚାଷୀ ସୂର୍ଯ୍ୟନାରାୟଣ ପଣ୍ଡା କହିଛନ୍ତି, ୩ ବର୍ଷ ମଧରେ ୬ପାଳି ହେଲା ଲାଇଟ ଯୋଗୁ ବହୁତ କ୍ଷତି ସହିଲୁଣି। ଉଠା ଜଳସେଚନରେ ଧାନଚାଷ କରୁ। ଫଳରେ ଧାନ ଚାଷରେ ବହୁତ ଖର୍ଚ୍ଚ ହେଉଛି। ଏଣୁ କରି ଜବଦା ଚାଷୀଙ୍କ ଉନ୍ନତି ନିମନ୍ତେ ତୁରନ୍ତ ଚାଷ ଜମି ସଂଲଗ୍ନ ରାସ୍ତାରୁ ଷ୍ଟ୍ରିଟ୍ ଲାଇଟ୍‌ମାନ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ। ଏନେଇ ବିନିକା ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ଜବଦା ଗାଁ ଚାଷୀ ଏନେଇ ପୂର୍ବରୁ ଅଭିଯୋଗ କରିଛନ୍ତି। କିଛି ପ୍ରଜାତି ଧାନ ଫସଲ ଏଲ୍‌ଇଡି ଆଲୁଅ ପ୍ରଭାବ ଯୋଗୁ ପରିପକ୍ୱ ହୋଇ ନ ଥାଏ। ତୃଣମୂଳସ୍ତରରେ ଏହାର ଆକଳନ ପରେ ଜଣାପଡିବ ସେ ବୋଲି କହିଥିଲେ।

## ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍ ସର୍ବଭାରତୀୟ ପ୍ରତିଯୋଗିତାରେ ପୁରସ୍କୃତ

**ବଲାଙ୍ଗୀର ଅଫିସ,୬।୫**



ଛତିଶଗଡ଼ ରାୟପୁରରୁ ପ୍ରକାଶିତ ମାସିକ କାର୍ଟୁନ୍ ପତ୍ରିକା 'କାର୍ଟୁନ୍ ୱାଚ୍' ଏବଂ ଛତିଶଗଡ଼ ସରକାରଙ୍କ ସଂସ୍କୃତି ବିଭାଗର ମିଳିତ ଆବାହକତ୍ୱରେ ଅନୁଷ୍ଠିତ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛି। ଚଳିତବର୍ଷ 'ବିଶ୍ୱ କାର୍ଟୁନିଷ୍ଟ ଦିବସ' ପାଳନ ଅବସରରେ ଆୟୋଜିତ ଏହି ପ୍ରତିଯୋଗିତାର ବିଷୟବସ୍ତୁ ଥିଲା- ମେକ୍ ଫ୍ରେଣ୍ଡସ୍ ନଟ୍ ୱାର୍। ଏହି ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍ ଯୁଦ୍ଧ ଉପରେ ଶାନ୍ତି ତଥା ମାନବିକତାର ବିଜୟ ସମ୍ପର୍କରେ ଏକ ବଳିଷ୍ଠ ବାର୍ତ୍ତା ପ୍ରଦାନ କରିଛି। ପ୍ରକାଶଯୋଗ୍ୟ ଯେ, ଏହି ଉତ୍ସବ ଆନୁକୂଲ୍ୟରେ ସଂସ୍କୃତି ବିଭାଗ ସ୍ଥିତ ଆର୍ଟ ଗେଲେରିଠାରେ ପ୍ରତିଯୋଗିତା ସମ୍ପର୍କିତ ଏକ ବ୍ୟଙ୍ଗଚିତ୍ର ପ୍ରଦର୍ଶନୀର ମଧ ଆୟୋଜନ କରାଯାଇଛି। ସୂଚନାଯୋଗ୍ୟ ଯେ, ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କାର୍ଟୁନ କରିଆସୁଥିବା ଏହି ଭ୍ରାତୃଦ୍ୱୟ ବ୍ୟଙ୍ଗଚିତ୍ର ବିଶ୍ୱସ୍ତରରେ ବେଶ୍ ପ୍ରତିଷ୍ଠିତ। ପୂର୍ବରୁ ଲିମ୍କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା ଅଶ୍ୱିନୀ-ଅବନୀ ଅନେକବାର ଅନ୍ତର୍ଜାତୀୟ ତଥା ଜାତୀୟସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି। ନେଟ୍ ଅଏଲ୍ କାର୍ଟୁନ୍ ପ୍ରତିଯୋଗିତା-ଫ୍ରାନ୍ସ, ଗୁରା ହ୍ୟୁମରୁଲୁଇ-ରୋମାନିଆ, ଡିକାକୋ-ସାଉଥ କୋରିଆ, ସାଲୋନ୍ ଅଫ୍ ଗ୍ରାଫିକ୍ ହ୍ୟୁମର- ପେରୁ, ଏଫ୍.ସି.ଡବ୍ଲ୍ୟୁ-ଚୀନ୍ ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଇଣ୍ଡିଆନ୍ ଏକ୍ସପ୍ରେସ୍, ଭିଲାଇ ଷ୍ଟିଲ ପ୍ଲାଣ୍ଟ, ହିନ୍ଦୁସ୍ଥାନ୍ ଟାଇମ୍ସ, କାର୍ଟୁନ୍ ୱାଚ୍ ଦ୍ୱାରା ଆୟୋଜିତ ଜାତୀୟ ପ୍ରତିଯୋଗିତା ଏ ମଧରେ ଅନ୍ତର୍ଭୁକ୍ତ। ଅଶ୍ୱିନୀ-ଅବନୀଙ୍କ କାର୍ଟୁନଗୁଡିକ ଅନ୍ତର୍ଜାତୀୟ ସ୍ତରରେ ମଧ ବହୁବାର ପ୍ରଦର୍ଶିତ ହୋଇଛି। 'ସ୍ପିରିଟ୍ ଅଫ୍ ଗାନ୍ଧୀ' ଏଗ୍‌ଜିବିସନ, ଇଜିପ୍ଟ, ମାଇକେଲ୍ ଜେକ୍ସନ୍ ଟ୍ରିବ୍ୟୁଟ୍ ଏଗ୍‌ଜିବିସନ୍, ରୋମାନିଆ, ଏମ୍.ଜେ. ଏଗ୍‌ଜିବିସନ, ବ୍ରାଜିଲ ତଥା ଏଟିଲା ଓଜେର୍ ଇନ୍‌ଟରନେସେନାଲ୍ ଏଗ୍‌ଜିବିସନ, ତୁର୍କି ଆଦି ଏଥିରେ ଅନ୍ତର୍ଭୁକ୍ତ।

## ଶ୍ରମିକ ମହାସଂଘ ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଘେରାଉ

**ନୂଆପଡ଼ା ଅଫିସ,୬।୫**

### ଜିଲା ଶ୍ରମଅଧିକାର, ଅତିରିକ୍ତ ଶ୍ରମ ଅଧିକାରୀ ଅଟକ



ଶ୍ରମ ଅଧିକାରୀଙ୍କ ସହିତ ଆଲୋଚନା କରାଯାଉଛି।

ନୂଆପଡା ଶ୍ରମିକ ମହାସଂଘ ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଶ୍ରମିକ ମହାସଂଘ ପକ୍ଷରୁ ଜିଲାରେ ସକ୍ରିୟ ବିଭିନ୍ନ ଶ୍ରମିକ ସଙ୍ଗଠନ ନେତୃମଣ୍ଡଳୀ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରି ଜିଲା ଶ୍ରମ ଅଧିକାରୀଙ୍କୁ ଅଟକ ରଖିଥିଲେ। ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା ଓ ଅତିରିକ୍ତ ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆଙ୍କୁ ପ୍ରାୟ ସାଢେ ୩ଘଣ୍ଟା ଅଟକ ରଖାଯାଇଥିଲା। ବିଭିନ୍ନ ସମୟରେ ଜିଲା ଶ୍ରମିକ ମହାସଂଘ ପକ୍ଷରୁ ଦାବିପତ୍ର, ଆଲୋଚନା, ଆନ୍ଦୋଳନ ଓ ବିକ୍ଷୋଭ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଶ୍ରମ କାର୍ଯ୍ୟାଳୟ ଦଲାଲମାନଙ୍କ ଆଡ୍ଡା ପାଲଟିଛି। ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ କାର୍ଯ୍ୟ କରୁଛି ବୋଲି ଅଭିଯୋଗ ବଢିକଲେ, ଯାହାକୁ ଶ୍ରମ ଅଧିକାରୀ ଖଣ୍ଡନ କରିଥିଲେ। ଶ୍ରମିକ ଦିବସରେ କୌଣସି ଶ୍ରମିକ ସଙ୍ଗଠନ କିମ୍ବା ମହାସଂଘ କର୍ମକର୍ତ୍ତା ଓ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା। ଏଥିପାଇଁ ଏହି ଉତ୍ସବ ମହାସଂଘ ପକ୍ଷରୁ ବହିଷ୍କାର କରାଯାଇ ସ୍ୱତନ୍ତ୍ର ଭାବେ ସଦର ବ୍ଲକ ଖଇଇରାନୀଠାରେ ପାଳନ କରାଯାଇଥିଲା। ଶ୍ରମ ଅଧିକାରୀ ଯୋଗାଯୋଗରେ ବ୍ୟତିକ୍ରମ ପାଇଁ ଏପରି ଅନିଚ୍ଛାକୃତ ଭୂଲ ହୋଇଥିଲା। ଭବିଷ୍ୟତରେ ଏପରି ହେବ ନାହିଁ କହି ପ୍ରତିଶ୍ରୁତି ଦେଇଥିଲେ। ମହାସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରି ୪ ଦଫା ଦାବି ଉପରେ ଲିଖିତ ପ୍ରତିଶ୍ରୁତି ଦେବା ପରେ ମହାସଂଘ ଅଧିକାରୀମାନଙ୍କୁ ଛାଡିଥିଲେ। ବର୍ତ୍ତମାନ ପାଇଁ ଅସ୍ଥାୟୀ ଭାବେ ଶ୍ରମିକ କଲ୍ୟାଣ ବୋର୍ଡ ରାଜ୍ୟରେ ବନ୍ଦ ରହିଛି। କାର୍ଯ୍ୟକ୍ଷମ ହେବା କ୍ଷଣି ଯୁଦ୍ଧକାଳୀନ ଭିତିରେ ଏକ କାଳୀନ ସମସ୍ତ ଗଛିତ ଥିବା ଫାଇଲକୁ ସମ୍ପାଦନା କରାଯିବ ବୋଲି ଶ୍ରମ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଭକ୍ତବନ୍ଧୁ ଧରୁଆ, ଶୁକ୍ଳାମ୍ବର ନିଆଲ, ସୁଖଦେଓ ସାହୁ, ଅନିରୁଦ୍ଧ ନାଗ, ମନରଞ୍ଜନ ସାହୁ, ବାବୁଲାଲ ମାଝି, ଟିକେଶ୍ୱର ପାଣ୍ଡେ, ଦେଓଚରଣ ପାଣ୍ଡେ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଅଭିନ୍ନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ୍ତାହିକ ବଜାର ଆରମ୍ଭ

ବରପାଲି,(ଡି.ଏନ.ଏ): ବରପାଲି ହାଟପଦା ଠାରେ ଆଜିଠୁ ବସିଲା ସାପ୍ତାହିକ ଶୁକ୍ରବାର ବଜାର। ୪୦ ବର୍ଷ ତଳେ ଏଠାରେ ହାଟ ବସୁଥିବାରୁ ଏହାର ନାମ ହାଟପଦା ହୋଇଥିଲା। ହାଟ ଯୋଗୁ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ ବୋଲି କୁହାଯାଇଛି। ସରପଞ୍ଚ ବସନ୍ତ ମହାନନ୍ଦ ହାଟକୁ ଶୁଭାରମ୍ଭ କରିଥିବା ବେଳେ ୱାର୍ଡମେମର ଓ ଗାଁଲୋକ ସହଯୋଗ କରିଥିଲେ। ଆସନ୍ତା ଶୁକ୍ରବାରଠାରୁ ଏଠାରେ ଗାଈ, ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା, ହଂସ ଆଦି ହାଟ ବସିବ ବୋଲି ସରପଞ୍ଚ ମହାନନ୍ଦ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବୌଦ୍ଧ ମୁଖ୍ୟ ଡାକ ଘରେ ନିଆଁ

ବୌଦ୍ଧ,୬।୫(ସ୍ୱ.ପ୍ର.): ବୌଦ୍ଧ ମୁଖ୍ୟଡାକ ଘରେ ନିଆଁ ଲାଗିଯାଇଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ନ ଥିବା ଜଣାପଡ଼ିଛି। ମୁଖ୍ୟଡାକଘରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କାଉଣ୍ଟରରେ ଗ୍ରାହକଙ୍କ ଭିଡ ଥିଲା। ଅନ୍ୟପଟେ ଜଣେ କର୍ମଚାରୀ ଝିଅ ବାହାଘର ପରେ କର୍ମଚାରୀମାନଙ୍କୁ ଭୋଜି ଦେବାକୁ କାର୍ଯ୍ୟାଳୟର ଅନ୍ୟ ଏକ କୋଠରିରେ ରୋଷେଇ ପ୍ରସ୍ତୁତି ଚାଲିଥିଲା। କର୍ମଚାରୀମାନେ ରୋଷେଇରେ ବ୍ୟସ୍ତଥିବାବେଳେ ହଠାତ ଅଫିସ ଭିତରେ ଧୂଆଁ ଭର୍ତ୍ତି ହୋଇଯାଇଥିଲା। ଗ୍ୟାସ ଲିକ୍ ହୋଇ ଚୁଲାରେ ହଠାତ ନିଆଁ ଲାଗିଯାଇଥିଲା। ମୁଖ୍ୟ ଡାକଘର ଭିତରୁ ନିଆଁ ନିଆଁ ଚିତ୍କାର ଶୁଣି ଗ୍ରାହକମାନେ ଜୀବନ ବଞ୍ଚାଇବାକୁ ଯିଏ ଯୁଆଡେ ଧାଇଁ ବାହାରକୁ ପଳାଇଯାଇଥିଲେ। ଜଣେ ବ୍ୟକ୍ତି ସାହାସ କରି ଭିତରକୁ ଯାଇ ଗ୍ୟାସ ବନ୍ଦ କରିଥିଲେ। ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଲାଗିଥିବା ନିଆଁରେ ଗୋଟିଏ ଆଲମାରୀର କିଛି ଅଂଶ ଓ ରୋଷେଇ ହେଉଥିବା ବେଞ୍ଚ ପୋଡି ଯାଇଥିବା ଜଣାଯାଇଛି। ଜିଲାର ମୁଖ୍ୟ ଡାକଘରେ କର୍ମଚାରୀଙ୍କ ବେପରୁଆ ମନବୃତ୍ତି ଯୋଗୁ ଏକ ବଡ ଦୁର୍ଘଟଣା ଘଟିବାକୁ ଯାଉଥିଲା। ଏହାର ଉପଯୁକ୍ତ ତଦନ୍ତ କରାଯାଇ ଡାକଘରର ଦାୟିତ୍ୱହୀନ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧଜୀବୀ ମହଲରେ ମତପ୍ରକାଶ ପାଉଛି।

### ୫୩ ଗ୍ରାମ ସୁନା, ୬୫ ହଜାର ଟଙ୍କା ଚୋରି ଅଭିଯୋଗ

ଗୋଲାମୁଣ୍ଡା,୬।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଖମାରହଲଦୀ ଗ୍ରାମରେ ଗୁରୁବାର ରାତିରେ ଜଣଙ୍କ ଘରୁ ସିନ୍ଧିକରି ୫୩ ଗ୍ରାମ ସୁନା ଓ ୬୫ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖମାରହଲଦୀ ଗ୍ରାମର ନାରାୟଣ ନିଆଲ ଝିଅ ବାହାଘର ପାଇଁ ଘରେ ପ୍ରାୟ ୫୩ ଗ୍ରାମ ସୁନା ଓ ୬୫ ହଜାର ରଖିଥିଲେ। ରାତିରେ ସମସ୍ତେ ଶୋଇବା ପରେ ଚୋରମାନେ ତାଙ୍କ ଘର ପଛପଟୁ ସିନ୍ଧି କରି ୫୩ ଗ୍ରାମ ସୁନା ଓ ୬୫ ହଜାର ଟଙ୍କା ଚୋରି କରି ନେଇଥିଲେ। ଚୋରି ହୋଇଥିବା କୋଠରିରେ କେହି ଶୋଇ ନ ଥିବାରୁ ଘର ଲୋକେ କିଛି ଜାଣି ପାରି ନ ଥିଲେ। ଶୁକ୍ରବାର ସକାଳେ ଜଣାପଡ଼ିବା ପରେ ଗୋଲାମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଯୁଗଳ ଶବର ଓ ଦଶପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରହାସ୍ୟ ସାହୁ ସାଇଣ୍ଟିଫିକ ଟିମ ଜରିଆରେ ତଦନ୍ତ ଆରମ୍ଭ କରିଛନ୍ତି।

### ଧର୍ମଗଡ ପଞ୍ଚାୟତ ସମିତି ପ୍ରଥମ ବୈଠକ

ଧର୍ମଗଡ଼,୬।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ପଞ୍ଚାୟତ ସମିତିର ପ୍ରଥମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ବବିତା ପଟଯୋଶୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଶରତ କୁମାର ସେଠୀ, ବ୍ଲକ ଉପାଧକ୍ଷା ଜୁଲି ମେହେର, ଜିପିଓ ସୁଧାଂଶୁ ଶେଖର ବାଗ, ଏମପି ପ୍ରତିନିଧି ହିମାଂଶୁ ପଣ୍ଡା, ବିଧାୟକ ପ୍ରତିନିଧି ଥବିର ପ୍ରସାଦ ସାହୁ, ଜିଲା ପରିଷଦ ସଦସ୍ୟ ଗୋପୀ ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଏମପି ପ୍ରତିନିଧି ପଣ୍ଡା ବ୍ଲକର ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, କୃଷି ଓ ପଶୁପାଳନ ଉପରେ କହିଥିଲେ। ସେହିପରି ୫-ଟି ସ୍କୁଲ ପାଇଁ ବ୍ଲକରେ ଆଉ କିଛି କାମ ହେଉ ନ ଥିବା ଓ ସମସ୍ତ ଅଧିକାରୀ ସେଠି ତଦାରଖ ନାରେ ସମ୍ପୂର୍ଣ୍ଣ ସମୟ ଅତିବାହିତ କରୁଛନ୍ତି ବୋଲି କହିଥିଲେ। ବୈଠକରେ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ସାମିଲ ହୋଇଥିଲେ।




କାଳବୈଶାଖୀ ଯୋଗୁ ବରଗଡ଼ ଏସ୍‌ପି ଅଫିସ୍ ସମ୍ମୁଖ ଶକ୍ତି ନଗର ରାସ୍ତାରେ ଗଛ ଭାଙ୍ଗି ପଡିଛି।



ବରଗଡ଼ ବ୍ରହ୍ମବିହାର ସ୍ଥିତ ଶ୍ରୀରାମ ମନ୍ଦିର କଲ୍ୟାଣ ମଣ୍ଡପ କ୍ଷତିଗ୍ରସ୍ତ ହୋଇଛି।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

ବରଗଡ଼ ଅଫିସ,୬।୫

ବରଗଡ଼ ଜିଲାରେ ଶୁକ୍ରବାର କାଳବୈଶାଖୀର ପ୍ରଭାବ ଅନୁଭୂତ ହୋଇଛି। ସନ୍ଧ୍ୟା ପ୍ରାୟ ୬ଟାରେ ଝଡ଼ବତାସ ସାଙ୍ଗକୁ ବର୍ଷା ହୋଇଥିଲା। ବିଶେଷକରି ବରଗଡ଼ ସହରରେ ଏହାର ପ୍ରଭାବ ଅଧିକ ରହିଥିଲା। ପ୍ରବଳ ବେଗରେ ପବନ ବହିବାରୁ ସହରରେ ରହିଥିବା ବହୁ ଗଛର ଡାଳ ଭାଙ୍ଗି ଯାଇଛି। ଅନେକ ସ୍ଥାନରେ ଆଜବେଷ୍ଟସ ଛାତ ଉଡି ଯାଇଥିବାବେଳେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଛି। ସହରର ରାସ୍ତା ପାର୍ଶ୍ୱରେ ଲାଗିଥିବା ହୋର୍ଡିଂ ଗୁଡିକ ଭାଙ୍ଗି ପଡିଛି। ଗଛ ଡାଳଗୁଡିକ ବିଦ୍ୟୁତ୍ ତାର ଉପରେ ପଡିଯିବାରୁ ସନ୍ଧ୍ୟା ୬ଟାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଫଳରେ ସାରା ବରଗଡ଼ ସହର ଅନ୍ଧାର ହୋଇପଡ଼ିଛି। ଲାଇନ ନ ଥିବାରୁ ଗୁଲୁଗୁଲିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ବରଗଡ଼ ଗାନ୍ଧୀଛକ, ଏସ୍‌ପି ଅଫିସ ସମ୍ମୁଖ ଶକ୍ତି ନଗର, ଗୁରୁଦ୍ୱାରା-ରେଳ ଷ୍ଟେଶନ ରାସ୍ତା ଆଦି ସ୍ଥାନରେ ଗଛ, ଡାଳ ଭାଙ୍ଗି ପଡିଥିବା ଯୋଗୁ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇ ରହିଥିଲା। ପ୍ରବଳ ପବନ ଯୋଗୁ ବ୍ରହ୍ମ ବିହାର ସ୍ଥିତ ରାମ ମନ୍ଦିର କଲ୍ୟାଣ ମଣ୍ଡପ ସେଡ୍ ଭୁଷୁଡି ପଡ଼ିଛି। ସହରର ଅନ୍ୟ କେତେକ ସ୍ଥାନରେ ମଧ ଏଭଳି କ୍ଷୟକ୍ଷତି ହୋଇଥିବାବେଳେ ଜିଲାର ଅନ୍ୟ ସ୍ଥାନରେ କାଳବୈଶାଖୀର ଆଂଶିକ ପ୍ରଭାବ ପଡିଛି। ଅନ୍ୟପକ୍ଷେ କାଳବୈଶାଖୀର ଏଭଳି ତାଣ୍ଡବ ଦେଖି ଚାଷୀକୁଳ ଚିନ୍ତିତ ହୋଇପଡିଛନ୍ତି। ଜିଲାରେ ରବିଧାନ ଅମଳ ଆରମ୍ଭ ହୋଇଯାଇଛି। ଏଭଳି ଝଡବର୍ଷା ଲାଗି ରହିଲେ ଚାଷୀଙ୍କ ଅମଳ ଧାନ ଉଜୁଡ଼ିବା ଆଶଙ୍କା ରହିଛି। ସେହିପରି ମଣ୍ଡି ଗୁଡିକରେ ଏବେଠାରୁ ପର୍ଯ୍ୟାପ୍ତ ବ୍ୟବସ୍ଥା କରା ନ ଗଲେ ଧାନ ସଂଗ୍ରହ ବେଳେ ମଣ୍ଡିରେ ଧାନ ସୁରକ୍ଷିତ ରଖିବାକୁ ଚାଷୀଙ୍କୁ ବିଗତବର୍ଷ ଭଳି ହଟହଟା ହେବାକୁ ପଡିବ। ଫଳରେ ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହୋଇଛି।

## ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା

ସିନାପାଲି,୬।୫(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଘାଟମାଲ ପଞ୍ଚାୟତ ତାଲାକୋଟ ଗ୍ରାମ ବେଲପାଟିପଡାର ବିମଲେ ବନ୍ଦିଚୋର (୨୭) ଜଣେ ବିବାହିତା ମହିଳା ବିଷପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଗତ ବୁଧବାର ସନ୍ଧ୍ୟାରେ କୌଣସି କାରଣରୁ ଘରେ ବିଷପିଇ ଦେଇଥିଲେ। ଏହା ଜଣାପଡ଼ିବା ପରେ ପରିବାର ଲୋକେ ତୁରନ୍ତ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବା ବେଳେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଥାନାରେ ଜଣାଇଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## '୧୫ ଦିନ ମଧ୍ୟରେ ବୀମା ରାଶି ପ୍ରଦାନ କର'

**ପ୍ରଶାସନ, ଚାଷୀ ଓ ବୀମା କମ୍ପାନୀର ତ୍ରିପାକ୍ଷିକ ଆଲୋଚନା**

ପଦ୍ମପୁର, ୬।୫ (ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ପ୍ରଶାସନ, କୃଷକ ସଙ୍ଗଠନ ଓ ବୀମା କମ୍ପାନୀ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ବୈଠକରେ ପେଣ୍ଡିଂ ଥିବା ୬୩ହଜାର ଚାଷୀଙ୍କ ବୀମା ସଂକ୍ରାନ୍ତୀୟ କାଗଜାତ ସହ ଭେରିଫିକେଶନ ପାଇଁ ସିଏସ୍‌ସି କେନ୍ଦ୍ରରେ କରାଯିବାକୁ ମତ ପ୍ରକାଶ ପାଇଥିଲା। ଆବଶ୍ୟକ ସ୍ଥଳେ ଆର୍‌ଆଇ ଓ ତହସିଲଦାରଙ୍କ ସହ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ୧୫ ଦିନ ମଧ୍ୟରେ ବୀମା ରାଶି ପ୍ରଦାନ କର ନଚେତ୍ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ।

## ୮ କର୍ମଚାରୀଙ୍କୁ ରିପୋର୍ଟ ମାଗିଲା ଭିଜିଲାନ୍ସ

**୩୫ ଲକ୍ଷ ଭତ୍ତା ଟଙ୍କା ଆତ୍ମସାତ ଘଟଣା**

କେସିଙ୍ଗା,୬।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ଦିବ୍ୟାଙ୍ଗ, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଆତ୍ମସାତ ହୋଇଥିବା ଜଣାପଡ଼ିଛି। ଏହା ଉପରେ କଳାହାଣ୍ଡି ଭିଜିଲାନ୍ସ ବ୍ଲକର ୮ଜଣ କର୍ମଚାରୀଙ୍କୁ ରିପୋର୍ଟ ମାଗିଥିବା ଜଣାପଡ଼ିବା ପରେ ଚଞ୍ଚଲ୍ୟ ସୃଷ୍ଟି ହେଉଛି। ସୂଚନାଯୋଗ୍ୟ ଯେ, କେସିଙ୍ଗା ବ୍ଲକର ସିରଜାପାଲି ଗ୍ରାମ ପଞ୍ଚାୟତ ପିଇଓ ୨୦୧୯-୨୦ ଆର୍ଥିକ ବର୍ଷରେ ବିଭିନ୍ନ ଭତ୍ତା ବାଣ୍ଟିବା ପାଇଁ ବ୍ଲକରୁ ୩୫ ଲକ୍ଷ ୨୨ ହଜାର ୨୦୦ ଟଙ୍କା ନେଇଥିଲେ। ଆଜକୁ ୩ ବର୍ଷ ବିତିଯାଇଥିଲେ ମଧ ଉକ୍ତ ସମ୍ପୃକ୍ତ ପିଇଓ ଏହାର ହିସାବ ଦେଇ ନ ଥିଲେ। ଅଡିଟ ରିପୋର୍ଟ ମୁତାବକ ଉକ୍ତ କର୍ମଚାରୀ ନାମରେ ୩୫ ଲକ୍ଷ ୨୨ ହାଜର ୨୦୦ ହିସାବ ଠିକ ନ ଥିବାରୁ କଳାହାଣ୍ଡି ଭିଜିଲାନ୍ସ ରିପୋର୍ଟ ମାଗିଛି। ବ୍ଲକର ୪୪ଜଣ କର୍ମଚାରୀଙ୍କ ବିରୋଧରେ ଅଡିଟ ରିପୋର୍ଟରେ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏହି ବ୍ଲକର ୨ କୋଟି ୮୪ ଲକ୍ଷ ୩୬ ହାଜର ୮ଶହ ଟଙ୍କା ଭତ୍ତା ବାବଦକୁ କେତେକ କର୍ମଚାରୀ ଏବଂ ଜିଆରଏସମାନେ ଅଗ୍ରୀମ ନେଇ ଆଜି ଯାଏ ହିସାବ ଦେଇ ନ ଥିବା ଅଭିଯୋଗ ହୋଇଛି। କଳାହାଣ୍ଡି ଭିଜିଲାନ୍ସ ୮ଜଣ କର୍ମଚାରୀ ମୋଟା ଅଙ୍କରେ ଅର୍ଥ ହଡ଼ପ କରିଥିବାରୁ କେସିଙ୍ଗା ବ୍ଲକକୁ ରିପୋର୍ଟ ମାଗିଥିବା ଜଣାପଡ଼ିଛି।

## ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ, ପିଡିଏସ୍ ବ୍ୟବସ୍ଥାକୁ ନେଇ ବିଡିଓଙ୍କୁ ସ୍ମାରକପତ୍ର

ଲାଠୋର,୬।୫(ଡି.ଏନ୍.ଏ.)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତର ମାସିକ ବୈଠକକୁ ବିରୋଧ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ, ପିଡ଼ିଏସ୍ ଚାଉଳ ବଣ୍ଟନ ବ୍ୟବସ୍ଥାକୁ ନେଇ ଶୁକ୍ରବାର ନାଏବ ସରପଞ୍ଚ ସୁଶିଲାବାଇ ଦାସ, ସମିତି ସଭ୍ୟ ବେଲମତି ଧରୁଆ, ୱାର୍ଡ଼ ସଭ୍ୟାସଭ୍ୟ ସୁମିତ୍ରା ମାଝି, ଗୁରୁବାରୀ ବାଗ, ବିଷ୍ଣୁ ବାଗ, ମୋହନ ନାଏକ ଏବଂ ବୃଷବ ମାଝି ଖପ୍ରାଖୋଲ ବିଡ଼ିଓଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ଗତ ୫ ବର୍ଷ ପୂର୍ବେ ସରକାର ମାଲପଡ଼ାକୁ ପଞ୍ଚାୟତର ମାନ୍ୟତା ଦେଇ ସାରିଛନ୍ତି। ହେଲେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଉଚ୍ଚ ନ୍ୟାୟାଳୟରେ ବିଚାରାଧିନ ରହିଥିବାବେଳେ ସରପଞ୍ଚ ବେଆଇନ ଭାବେ ୱାର୍ଡ଼ ସଭ୍ୟାସଭ୍ୟ ଏବଂ ନାଏବ ସରପଞ୍ଚଙ୍କ ଉପରେ ଚାପ ସୃଷ୍ଟିକରି ପଞ୍ଚାୟତ ଅଧିନ ଫୁଲଝର ଗ୍ରାମର ଗୋଷ୍ଠୀ କେନ୍ଦ୍ରରେ ଗତ ୫ତାରିଖ ଏକ ମାସିକ ବୈଠକ କରିଥିଲେ। ମାଲପଡ଼ା ସଦର ମହକୁମାଠାରେ ପିଡ଼ିଏସ୍ ଚାଉଳ ବଣ୍ଟନ ପରିବର୍ତ୍ତେ ଫୁଲଝରରେ ବଣ୍ଟନ କରାଯିବା ତଥା ମାଲପଡ଼ାରେ ପଞ୍ଚାୟତ ଗୃହ ନିର୍ମାଣ ନ କରି ମଧ ଭାଗରେ ଗୃହ ନିର୍ମାଣ କରିବା ଇତ୍ୟାଦି ଉପରେ ଉକ୍ତ ବୈଠକରେ ଆଲୋଚନା କରି ଏକ ରିଜ୍ୟୁଲେସନ ପାସ୍ କରାଯାଇଛି। ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ। ତେଣୁ ଏହି ବେଆଇନ ରିଜ୍ୟୁଲେସନକୁ ରଦ୍ଦ କରାଯାଉ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଫଇସଲା ନ ଆସିବା ଯାଏ ମାଲପଡ଼ାଠାରେ ପଞ୍ଚାୟତ ବୈଠକ କରିବା ସହ ପିଡ଼ିଏସ୍ ଚାଉଳ ଯେମିତି ବଣ୍ଟନ ହେଉଥିଲା ସେମିତି ବଣ୍ଟନ ହେଉ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି। ଘଟଣାକୁ ନେଇ ଖପ୍ରାଖୋଲ ବିଡ଼ିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରୁ କାହା ଅନୁମତିରେ ସେଠାରେ ପଞ୍ଚାୟତ ବୈଠକ ହୋଇ ରିଜ୍ୟୁଲେସନ ପାସ କରାଯାଇଛି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ କରିବା ସହ ରିଜ୍ୟୁଲେସନକୁ ରଦ୍ଦ କରାଯିବ ବୋଲି କହିଛନ୍ତି।



ଖପ୍ରାଖୋଲ ବିଡ଼ିଓଙ୍କୁ ମାଲପଡ଼ା ୱାର୍ଡ଼ ସଭ୍ୟାସଭ୍ୟ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଆତ୍ମରକ୍ଷା ଶିବିର ଉଦ୍‌ଯାପିତ




ଜଣେ ଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଉଛି।

ଖଡିଆଳ,୬।୫(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ସୟଂଶାସିତ କଲେଜରେ ସପ୍ତାହ ଧରି ଚାଲିଥିବା ମହିଳା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଯୁବ ଓ କ୍ରିଡା ବିଭାଗ ଆନୁକୁଲ୍ୟରେ ଚାଲିଥିବା ଶିବିରରେ ପ୍ରଶିକ୍ଷିକା ଭାବେ ଲିପାକ୍ଷୀ ରାୟ ଏବଂ ସୌମ୍ୟଶ୍ରୀ ସାହୁ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର ମୁଖ୍ୟଅତିଥି, କଲେଜ ଅଧକ୍ଷ ପ୍ରମୋଦ ସାହୁ, ଓଡିଆ ବିଭାଗ ମୁଖ୍ୟ ପ୍ରାଧପ୍ପିକା ସାଗରିକା ପଣ୍ଡା, ହିନ୍ଦୀ ବିଭାଗ ପ୍ରମୁଖ ପ୍ରାଧାପ୍ପିକା ଶୀଳା ତ୍ରିବେଦୀ, ଶିବିର ସଂଯୋଜକ ବିଷ୍ଣୁଦେବ ସିଂ ମଲ୍ଲିକ ଏବଂ ଉପସଂଯୋଜିକା ପ୍ରାଧାପିକା ନିବେଦିତା ଆଚାରୀ ପ୍ରମୁଖ ଯୋଗଦେଇଥିଲେ। ସମାଜରୁ କୁସଂସ୍କାର ଦୂର କରିବାକୁ ହେଲେ ଛାତ୍ରୀମାନେ ଆତ୍ମରକ୍ଷା ନିମନ୍ତେ ବିଭିନ୍ନ କୌଶଳ ପ୍ରଶିକ୍ଷଣ ନେବା ସହ ପ୍ରତ୍ୟେକ ନିଜକୁ ସମାଜ କଲ୍ୟାଣ ରୂପେ ସମର୍ପିତ କରି ଶିଖିଥିବା କୌଶଳକୁ ନିଜ ତଥା ସମାଜର ସୁରକ୍ଷା ଦିଗରେ ଉପଯୋଗ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିବିରରେ ଭାଗ ନେଇଥିବା ଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## ଖବସାକନା ପୋଲ ଶୋଚନୀୟ, ବଢୁଛି ଦୁର୍ଘଟଣା

ଲୋଇସିଂହା, ୬।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡାଛକରୁ ଅର୍ଜୁନପୁର ରାସ୍ତାର ଖବସାକନା ପୋଲ ଶୋଚନୀୟ ହୋଇ ପଡିଛି। ପୋଲ ଶୋଚନୀୟ ଯୋଗୁ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ଯାତ୍ରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବଲାଙ୍ଗୀର-ବରଗଡ ୨୬ନଂ. ଜାତୀୟ ରାଜପଥ ବୁର୍ଡା ଛକ ଭାୟା ଅର୍ଜୁନପୁର ଦେଇ ସୋନପୁର ସହରକୁ ରାସ୍ତା ସଂଯୋଗୀକରଣ ରହିଛି। ପିଡବ୍ଲୁଡ଼ି ରାସ୍ତାର ବୁର୍ଡାଛକରୁ ପ୍ରାୟ ୧୫ କିମି ଗଲେ ପଡେ ଖବସାକନା ପୋଲ। ଏଠାରେ କିଛି ବର୍ଷ ତଳେ ପୋଲ ନିର୍ମାଣ ହୋଇଥିଲା । ନିମ୍ନମାନର କାମ ଯୋଗୁ ପୋଲ ଛାତର କଂକ୍ରିଟ ସବୁ ଉଠି ଲୁହାରଡ ଦେଖାଯାଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏହାର ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଯାତ୍ରୀମାନଙ୍କ ବାଇକ୍ ପୋଲର ଲୁହାରଡରେ ବାଜି ପଙ୍କଚର ହେବା ସହ ଦୁର୍ଘଟଣାମାନ ଘଟୁଛି। ନିଛାଟିଆ ରାସ୍ତା ଏବଂ ସେହି ରାସ୍ତାରେ ଗ୍ୟାରେଜ ନ ଥିବାରୁ ଯାତ୍ରୀମାନେ ବିଶେଷ ହଇରାଣ ହରକତ ହେଉଛନ୍ତି। ଶୁକ୍ରବାର ସୁବର୍ଣ୍ଣପୁର ଜିଲା ଦିଗଶିରା ଗ୍ରାମର ଦିନବନ୍ଧୁ ସୁନା ସମ୍ପୃକ୍ତ ଅଞ୍ଚଳକୁ ଯାଇଥିବାବେଳେ ଏପରି ଅସୁବିଧାର ସମ୍ମୁଖୀନ ହେଉଥିବା ସେ ଜଣାଇଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ମରାମତି ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ଖବସାକନା ଶୋଚନୀୟ ପୋଲ।

## ମୃତ ଆଇଆରବି ଯବାନଙ୍କ ପରିବାରକୁ ସହାୟତା ଦାବି

ଲୋଇସିଂହା,୬।୫(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଗ୍ରାମର ଆଇଆରବି ଯବାନ ମନବାଞ୍ଛା ଧରୁଆ(୨୭) ଗତ ବୁଧବାର କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଥିଲେ। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଏହି ଅସହାୟ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଝାରମୁଣ୍ଡା ଗ୍ରାମର ପବିତ୍ର ଧରୁଆଙ୍କ ପୁଅ ମନବାଞ୍ଛା ବୌଦ୍ଧରେ ଆଇଆରବି ଯବାନ ଥିଲେ। ବୌଦ୍ଧରେ ସେ କାର୍ଯ୍ୟ କରୁଥିଲେ। ଛୁଟିରେ ଗାଁକୁ ଆସିଥିଲେ। ହେଲେ ବୁଧବାର ସକାଳେ ଗାଁ ନିକଟସ୍ଥ ଚାଷ ଜମିରେ ଥିବା ଏକ ଗଛରେ ବେକରେ ଗାମୁଛା ଫାଶ ପକାଇ ଆତ୍ମହତ୍ୟା କରିଥିଲେ। ସେହି ଅଞ୍ଚଳକୁ ଗ୍ରାମର କେତେକ ଲୋକ ଯାଇଥିବାବେଳେ ଏହା ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ମନବାଞ୍ଛା ବିବାହିତ ଥିଲେ। ସ୍ତ୍ରୀ, ୪ ମାସର ଶିଶୁ କନ୍ୟା, ମା', ବାପା ଏବଂ ଭଉଣୀ ଅଛନ୍ତି। ମନବାଞ୍ଛାଙ୍କ ରୋଜଗାର ଉପରେ ସମ୍ପୂର୍ଣ୍ଣ ପରିବାର ଲୋକେ ନିର୍ଭର କରୁଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଅସହାୟ ହୋଇପଡିଥିବା ଗ୍ରାମବାସୀ କହିଛନ୍ତି।

## ଅନ୍‌ଲାଇନ ଚିଠି, ନଥିପତ୍ର କାର୍ଯ୍ୟ ଶୁଭାରମ୍ଭ

ଭବାନୀପାଟଣା,୬।୫(ସ୍ୱ.ପ୍ର.)

ଓଡ଼ିଶା ସରକାରଙ୍କ ଓଡ଼ିଶା ଷ୍ଟେଟ ୱାର୍କ ଫ୍ଲୋ ଅଟୋ ମେଶିନ ସିଷ୍ଟମ ବା (ଓସ୍ୱାସ) ପ୍ରକ୍ରିୟା କଳାହାଣ୍ଡି ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯକାରୀ କରିବା ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏପ୍ରିଲ ୭ ଓ ୮ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି ପରିପେକ୍ଷୀରେ ଶୁକ୍ରବାର ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଡ ଗାଭାଲି ପରାଗ ହର୍ଷଦ ଆନୁଷ୍ଠାନିକ ଭାବେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଓସୱାସ ଶୁଭାରମ୍ଭ କରିଥିଲେ। ଓସ୍ୱାସକୁ ସରକାରୀ କାର୍ଯ୍ୟରେ କାର୍ଯ୍ୟକାରୀ କରାଗଲେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ୫-ଟି ଅନ୍ତର୍ଗତ କାର୍ଯ୍ୟକ୍ରମର ଦକ୍ଷତା ବୃଦ୍ଧି ସହ ନଥିପତ୍ର ଜନିତ ଅହେତୁକ ବିଳମ୍ବକୁ ରୋକାଯାଇ ପାରିବ ଏବଂ ସ୍ୱଚ୍ଛତା ବଜାୟ ରଖିହେବ ବୋଲି ଜିଲାପାଳ କହିଥିଲେ। ଜିଲାପାଳ ୨ଟି ଫାଇଲ କାର୍ଯ୍ୟ ଓସ୍ୱାସ ମାଧ୍ୟମରେ କରି ଏହା ଶୁଭାରମ୍ଭ କରିଥିଲେ। ଓସ୍ୱାସ ଭୁବନେଶ୍ୱର ପ୍ରୋଜେକ୍ଟ ସଂଯୋଜକ ରାକେଶ ସାହୁ ପୂର୍ବରୁ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେଭିନ୍ୟୁ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଅତିରିକ୍ତ ଜିଲାପାଳ ଜେନେରାଲ ସୁଶାନ୍ତ କୁମାର ପଟେଲଙ୍କ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟ ସମସ୍ତ ଅଧିକାରୀ ଓ କର୍ମଚାରୀ, ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ପର୍ଯ୍ୟାୟକ୍ରମେ ଅନ୍ୟ ଜିଲାସ୍ତରୀୟ କାର୍ଯ୍ୟାଳୟଗୁଡିକରେ ଏହି ଓସୱାସ ବ୍ୟବସ୍ଥା ଗ୍ରହଣ କରାଯିବ। ଜିଲା କାର୍ଯ୍ୟାଳୟରେ ଏହାର କାର୍ଯ୍ୟକାରିତା ପାଇଁ ଡେପୁଟି କଲେକ୍ଟର ରେଭିନ୍ୟୁ ପ୍ରୀତା କୁମାର, ଇ ଗଭର୍ନାନ୍ସ ମ୍ୟାନେଜର ସଞ୍ଜୀବ ଚୌଧୁରୀ, ଟେକ୍ନିକାଲ ସପୋର୍ଟ ଅଶୋକ ମିଶ୍ର କାର୍ଯ୍ୟ କରୁଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟରେ ଓସ୍ୱାସ' ଅନ ଲାଇନ ଚିଠି ଓ ନଥିପତ୍ର କାର୍ଯ୍ୟ ଶୁଭାରମ୍ଭ କରାଯାଉଛି।

## ଫଳକରେ ସୀମିତ ପାତାଳି ଶ୍ରୀକ୍ଷେତ୍ରରେ ରୋପ୍ ୱେ ନିର୍ମାଣ

ସୋନପୁର,୬।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ଜାରି ରହିଛି । ହେଲେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିବା ପାଇଁ ରୋପ ୱେ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇପାରୁନି। ୨୦୧୯ ମସିହା ଫେବୃୟାରୀ ୧୧ରେ ପାତାଳି ଶ୍ରୀକ୍ଷେତ୍ରରେ ରୋପ ୱେ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତତ୍କାଳୀନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ କିଶୋର କୁମାର ମହାନ୍ତି, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ତତ୍କାଳୀନ ଆଠମଲ୍ଲିକ ବିଧାୟକ ସଞ୍ଜିବ୍ ସାହୁ, ଜିଲାପାଳ ମଧୁସୂଦନ ମିଶ୍ର ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ତତ୍କାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପେମାନିଧି ସେଠ୍ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେ ସମୟରେ ପ୍ରକଳ୍ପ ପାଇଁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ପାତାଳି ଶ୍ରୀକ୍ଷେତ୍ରର ଦୁଇଟି ପାହାଡ ମଝିରେ ରୋପ ୱେ ନିର୍ମାଣ କରିବା ସହିତ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସକାଶେ ନିଷ୍ପତ୍ତି ହୋଇଥିଲା। ଏହି ପାହାଡର ଏକ ଗୁମ୍ଫାରେ ଜଗତରନାଥ ଜଗନ୍ନାଥ ୧୪୪ବର୍ଷ ଧରି ପାତାଳି ହୋଇଥିଲେ। ଯାହାକି ପ୍ରାମାଣିକ ତଥ୍ୟ ଭାବେ ମାଦଳା ପାଞ୍ଜି ସମେତ ବହୁ ଐତିହାସିକ ସ୍ୱୀକୃତି ରହିଛି। ରାଜ୍ୟ ସରକାର ଏହି ସ୍ଥାନକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା କରିଛନ୍ତି। ତେବେ ଏଠାରେ ଉନ୍ନୟନମୂଳକ କାର୍ଯ୍ୟ ଓ ମନ୍ଦିର ନିର୍ମାଣ କାର୍ଯ୍ୟ ଫଳକରେ ହିଁ ସୀମିତ ରହିଛି। ପଡୋଶୀ ଜିଲାର ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଏହି ପ୍ରକଳ୍ପ ନିର୍ମାଣ ହେଉ ବୋଲି ଚାହୁଁ ନ ଥିବା ଜଣାପଡିଛି। ରୋପ ୱେ ନିର୍ମାଣ ହୋଇଥିଲେ ପାବନ ପୀଠର ବିକାଶ ହୋଇଥାନ୍ତା। ସବୁବେଳେ ପର୍ଯ୍ୟଟକଙ୍କ ଭିଡ ଲାଗନ୍ତା। ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶ ହୁଅନ୍ତା। ହେଲେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ନ ହେବାରୁ ଜିଲାର ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି।